visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.87 Bhubaneswar Saturday, May 15, 2021 ୨୪ତମ ବର୍ଷ ସଂଖ୍ୟା-୮୭ ଭୁବନେଶ୍ୱର, ଶନିବାରବାର, ମେ ୧୫, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ପ୍ରବାସୀ ଶ୍ରମିକଙ୍କ ବିନା କତାର ୨୦୨୨ ୱାଲ୍‌ଡ଼ କପ୍ ୨୦୨୪ ପ୍ୟାରିସ ବିଶ୍ୱ ଅଲମ୍ପିକ୍ ଖେଳ ସମ୍ଭବ ହେବ ନାହିଁ।

ଭୁବନେଶ୍ୱର, ୧୪।୫(ପି.ଏନ): ପ୍ରବାସୀ ଶ୍ରମିକଙ୍କ ବିନା ୨୦୨୨ କତାର ବିଶ୍ୱକପ୍ ଅଥବା ୨୦୨୪ ପ୍ୟାରିସ୍ ବିଶ୍ୱଅଲମ୍ପିକ୍ ଖେଳ ହେବା ସମ୍ଭବ ନୁହେଁ। ବିଶ୍ୱରେ ବିଭିନ୍ନ ଦେଶର ଅର୍ଥନିତୀ ପ୍ରଗତି, ଉନ୍ନତି ପାଇଁ ପ୍ରବାସୀ ଶ୍ରମିକମାନଙ୍କର ଅତୁଳନୀୟ ଦାନ ଥିଲେ ମଧ୍ୟ ବିଭିନ୍ନ ଦେଶର ଜାତୀୟ ସରକାରମାନେ ପ୍ରବାସୀ ଶ୍ରମିକମାନଙ୍କର କାର୍ଯ୍ୟ ଓ ସେବାକୁ ଅଣଦେଖା କରୁଥିବାରୁ ଓ ତାଙ୍କର ସ୍ୱାସ୍ଥ୍ୟ, ଚିକିତ୍ସା, ସାମାଜିକ ସୁରକ୍ଷା, ମଜୁରୀ, ବସବାସ, ପରିହନ ଓ କୋଭିଡ଼-୧୯ ସଂକ୍ରମଣ ପରିସ୍ଥିତିରେ ସେମାନଙ୍କର ନିଜ ନିଜ ଦେଶ ଓ ରାଜ୍ୟକୁ ଫେରିବା ପାଇଁ ସଂକ୍ରମଣ ପରିସ୍ଥିତିରେ ସେମାନଙ୍କର ଚିକିତ୍ସା ଓ ଚିକିତ୍ସା ସମୟରେ ସେମାନଙ୍କର ମଜୁରୀ ବ୍ୟବସ୍ଥା ହେଉନଥିବାରୁ ପ୍ରବାସୀ ଶ୍ରମିକମାନଙ୍କର ଅବସ୍ଥା ଅତ୍ୟନ୍ତ ଉଦବେଗ ଜନକ ବୋଲି ଗତ ତା. ୧୩.୦୫.୨୦୨୧ ରିଖରେ ବିଶ୍ୱ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ପ୍ରବାସୀ ଶ୍ରମିକ ମାନଙ୍କ ପାଇଁ ଗଠିତ କମିଟିରେ ପୌରାହିତ୍ୟ କରି କହିଛନ୍ତି। ବିଶେଷ ଭାବରେ ଯେଉଁମାନଙ୍କର କାଗଜ ନାହିଁ, ସେମାନେ ତାଙ୍କର ମଜୁରୀ ଓ ଅନ୍ୟାନ୍ୟ ଅଧିକାରୁ ବଂଚିତ ହେଉଛନ୍ତି। ଭାରତ, ବାଙ୍ଗଲାଦେଶ, ନେପାଳ, ପାକିସ୍ତାନ, ଶ୍ରୀଲଙ୍କା, ଫିଲିପ୍‌ଇନର କୋଟି କୋଟି ଶ୍ରମିକ ମଧ୍ୟପ୍ରାଚ୍ୟ ଦେଶ ମାନଙ୍କରେ କାମକରୁଛନ୍ତି। ଆଇନଗତ କାଗଜ ନଥିବାରୁ ବହୁ ଶ୍ରମିକ ଜେଲରେ ଅଛନ୍ତି ଓ ଅନ୍ୟ କେତେକ ଦେଶକୁ ଫେରିପାରୁ ନାହାନ୍ତି। ସମଗ୍ର ବିଶ୍ୱରେ ପ୍ରବାସୀ ଶ୍ରମିକମାନଙ୍କର ପାଇଁ ଜାତି ସଂଘ ଆନୁକୁଲ୍ୟରେ ପ୍ରସ୍ତୁତ ପ୍ରବାସୀ ଶ୍ରମିକ ପାଇଁ ପ୍ରସ୍ତୁତ, ୨୩ ଟି ପ୍ରସ୍ତାବ ଥିବା ଦଲିଲକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରବାସୀ ଶ୍ରମିକ ବିଶ୍ୱ ଫୋରମ୍ (ଏରଗଉ) ର ଆଂଚଳିକ ଆଲୋଚନା ଓ ବିଶ୍ୱ ନିର୍ମାଣ ଜଙ୍ଗଲ ଶ୍ରମିକ ମହାସଂଘ ତରଫରୁ ଆଂଚଳିକ ଓ ବିଶ୍ୱସ୍ତରରେ ଉଦ୍ୟମ ଚାଲିଛି ଓ ସେଥିପାଇଁ (ଇଡଓ) ତରଫରୁ ଆଂଚଳିକ ଓ ବିଶ୍ୱସ୍ତରରେ ଉଦ୍ୟମ ଚାଲିଛି ଓ ସେଥିପାଇଁ (ଇଡଓ) ର ସମସ୍ତ ଯୁନିଅନ କାର୍ଯ୍ୟ କରିବା ପାଇଁ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଆହ୍ୱାନ ଦେଇଛନ୍ତି।

ଏହି କମିଟିର ନୂତନ ଚେୟାରମ୍ୟାନ ଭାବେ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ନିର୍ବାଚିତ ହୋଇଥିବା ପ୍ରସ୍ତାବ ପରେ କମିଟିର ସଂପାଦକ ଆପୋଲିନାର ଟଲୋଂଟିନ ରଖିବା ପରେ ବିଦୀୟ ଅଧ୍ୟକ୍ଷା ସୁଇଜରଲାଣ୍ଡର ସୀତା ସତଭୀ ଡକ୍ଟର ଖୁଂଟିଆଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ କତାର ୨୦୨୨ ବିଶ୍ୱକପ୍, ଏବଂ ୨୦୨୪ରେ ପ୍ୟାରିସ ବିଶ୍ୱ ଅଲମ୍ପିକ, ଜାତୀସଂଘ ଆନୁକୁଲ୍ୟରେ ପ୍ରସ୍ତୁତ ୨୩ ଦଫା ସମ୍ବଳିତ ଦଲିଲ୍ ଓ କୋଭିଡ଼ ସଂକ୍ରମଣ ପରିସ୍ଥିତିରେ ସ୍ୱାସ୍ଥ୍ୟ ନିରାପତାକୁ ଶ୍ରମିକ କର୍ମଚାରୀମାନଙ୍କର ମୌଳିକ ଅଧିକାର ଭାବେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ସ୍ୱିକୃତି ଦେବା ଏବଂ ସମସ୍ତ ଦେଶର ଜାତୀୟ ସରକାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ପ୍ରସ୍ତୁତ ଦଲିଲ୍‌କୁ ଗ୍ରହଣ କରି ଆନ୍ତରାଜ୍ୟ ଓ ଅନ୍ତଦେଶୀୟ ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରାଯାଇଥିଲା। ଚେୟାରମ୍ୟାନ୍ ଡକ୍ଟର ଖୁଂଟିଆ ଆଲୋଚିତ ବିଷୟଗୁଡ଼ିକ ସଂପର୍କରେ ଏକ ସଠିକ୍ ବିବରଣୀ ପ୍ରସ୍ତୁତ କରି ଆଗାମୀ ଜୁନ୍ ୭ ଓ ୮ ରିଖରେ ହେବାକୁ ଥିବା ଆନ୍ତର୍ଜତୀୟ ନିମାଣ ଓ କର୍ମଚାରୀ ମହାସଂଘର ଆନ୍ତର୍ଜାତିକ ପରିଷଦରେ ବିବରଣୀ ଦେବା ପାଇଁ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ସଂପାଦକ ଆପୋଲିନାକୁ ଟଲୋଂଟିନାକୁ ଦାୟିତ୍ୱ ଦିଆଯାଇଛି।

୪୨ ଲକ୍ଷ ଚାଷୀ ଙ୍କ ଖାତାକୁ ଗଲା ୯୨୦ କୋଟି କାଳିଆ ଟଙ୍କା

କାଳିଆ ଯୋଜନା ଚାଷୀ ଙ୍କ ମୁହଁ ରେ ହସ ଆଣିଛି , ଋଣ ଭାର ଲାଘବ କରିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪।୫(ପି.ଏନ): ଅକ୍ଷୟ ତୃତୀୟା ପୂର୍ବରୁ ଚାଷୀଙ୍କ ଖାତାକୁ ଯାଇଛି କାଳିଆ କିସ୍ତି । ମୋଟ ୯୨୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ନେଇ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖରିଫ ଋତୁ ପାଇଁ ଏହି ଟଙ୍କା ପଠାଯାଇଥିବା ବେଳେ ଏଥିରୁ ୪୨ ଲକ୍ଷ ଚାଷୀ ଉପକୃତ ହେବେ। ରାଜ୍ୟର ଛୋଟ ଚାଷୀ ,ନାମ ମାତ୍ର ଚାଷୀ ,ଓ ଭୂମି ହୀନ ଚାଷୀ ପରିବାର ସମସ୍ତେ ଏହି କାଳିଆ ଯୋଜନା ର ସହାୟତା ପାଇ ଏହାକୁ ଚାଷ କାମରେ ତଥା ଜୀବନ ଜୀବିକାର ଉନ୍ନତି ରେ ଲଗେଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀଙ୍କ ପାଇଁ ସାରା ଦେଶରେ କାଳିଆ ଯୋଜନା ସବୁଠାରୁ ଭଲ ଯୋଜନା । ଏହି ଯୋଜନା ଚାଷୀ ମୁହଁ ରେ ହସ ଆଣିଛି । ଚାଷୀର ଋଣ ଭାର ଲାଘବରେ ମଧ୍ୟ ଏହା ସହାୟକ ହୋଇଛି । ଚାଷୀ ଙ୍କ ତ୍ୟାଗ ର ଉଚ୍ଚ ପ୍ରଂଶସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଆମର ଗର୍ବ ଓ ଗୌରବ । ଦେଶ ଓ ସମାଜ ପାଇଁ ଚାଷୀର ତ୍ୟାଗର ତୁଳନା ନାହିଁ ।ଗତବର୍ଷ କୋଭିଡ଼ ସମୟରେ ଚାଷୀ ହି ଅର୍ଥନୀତି କୁ ସଜୀବନୀ ପରି ଶକ୍ତି ଦେଇଥିଲା ।ତେଣୁଚାଷୀର ତ୍ୟାଗ ର ମୂଲ୍ୟ କେହି ଦେଇ ପାରିବ ନାହିଁ । 'ମୋ ରାଜ୍ୟର ଚାଷୀ ,ଭଲରେ ରହୁ । ତାର ରୋଜଗାର ବଢୁ ତା ପରିବାରରେ ସମୃଦ୍ଧି ଆସୁ ।ଏଥିପାଇଁ ମୁଁ କାମ କରୁଛି ଓ କରିଚାଲିବି ।' କୋଭିଡ଼ ସମ୍ପର୍କରେ ସଚେତନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏବେ ଆମେ କୋଭିଡ଼ ସକ୍ରମଣର ଦ୍ୱିତୀୟ ଲହର ର ସାମନା କରୁଛେ। ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଲକ୍ ଡାଉନ ଚାଲିଛି ।କିନ୍ତୁ କୃଷି କ୍ଷେତ୍ର ପାଇଁ କୌଣସି ଲକ୍ ଡାଉନ ନାହିଁ । ତେଣୁ ଚାଷୀ ଭାଇମାନେ କୋଭିଡ଼ ନିୟମ ମାନି ଚାଷ କାମ ଜାରି ରଖିବା ସହିତ ସରକାର ଙ୍କ ବିଭିନ୍ନ କୃଷି ବିକାଶ ଯୋଜନା ର ସୁଯୋଗ ମଧ୍ୟ ନେବା ସେ ପାଇଁ ଆହ୍ୱାନ ଜଣାଇଥିଲେ ।ଶେଷ ରେ ,ଚଳିତ ବର୍ଷ ପାଇଁ ଭଲ ପାଗ ,ଭଲ ଫସଲ ଓ ଚାଷୀ ପରିବାରର ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ସହ ମୁଖ୍ୟମନ୍ତ୍ରୀ ସରକାରଙ୍କ କୋଭିଡ଼ ନିୟମକୁ କଡାକଡି ଭାବରେ ପାଳନ କରିବା ପାଇଁ ସମସ୍ତ ଙ୍କୁ ପୁଣି ଥରେ ନିବେଦନ କରିଥିଲେ। ସୂଚନାଯୋଗ୍ୟ ଯେ କାଳିଆ ଯୋଜନା ରାଜ୍ୟ ସରକାରଙ୍କ ଶ୍ରେଷ୍ଠ କୃଷି କଲ୍ୟାଣ ଯୋଜନା। ଏହି ଯୋଜନା ରେ ଲକ୍ଷ ଲକ୍ଷ ଛୋଟ ଚାଷୀ ,ନାମ ମାତ୍ର ଚାଷୀ ଓ ଭୂମି ହୀନ ଚାଷୀ ପରିବାର ଉପକାର ପାଉଛନ୍ତି। କାଳିଆ ସହାୟତାରେ ଚାଷୀ କୃଷି ସାମଗ୍ରୀ କିଣିବା ବେଳ ଭୂମି ହୀନ ଚାଷୀ ଛେଳି କୁକୁଡ଼ା ବତକ ପାଳନ ଆଦିରେ ବିନିଯୋଗ କରି ତା ପରିବାର ର ରୋଜଗାର ବଢାଇଥାଏ। ଏହି କାର୍ଯ୍ୟକ୍ରମ ରେ କୃଷି ଓ କୃଷକ ସଶକ୍ତିକରଣ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଅରୁଣ ସାହୁ ,କାଳିଆ ଯୋଜନା କିପରି କୋଭିଡ଼ ସମୟରେ ଚାଷୀ ପରିବାର ପାଇଁ ଉପାଦେୟ ସାବ୍ୟସ୍ତ ହୋଇପାରିଛି ତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ,ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶ ଦାତା.ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୩ ଗିରଫ, ୮୫ ବାହନ ଜବତ

ଭୁବନେଶ୍ୱର, ୧୪।୫(ପି.ଏନ): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୫ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୧୮,୭୫,୩୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ

ଭୁବନେଶ୍ୱର, ୧୪।୫(ପି.ଏନ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବନ୍ଦ ଅବଧି ବୃଦ୍ଧି କରାଯାଇଛି। ପରବର୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏଁ ବନ୍ଦ ରହିବ ନନ୍ଦନକାନନ। ଏହାସହ ବଟାନିକାଲ୍ ଗାର୍ଡେନ ମଧ୍ୟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ। କରୋନା ସଂକ୍ରମଣ ଦୃଷ୍ଟିରୁ ଏହି ନିଷ୍ପତି ନିଆଯାଇଥିବା ନନ୍ଦନକାନନ୍ ଉପନିର୍ଦ୍ଦେଶକ ବିମଳ ପ୍ରଶନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଗତ ମଇ ୧ ତାରିଖରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ ରଖିବାକୁ ନିଷ୍ପତି ହୋଇଥିଲା।

ଇଡକୋ ସିଏମଡି ଭାବେ ଦାୟିତ୍ୱ ଗ୍ରହଣ କଲେ କ୍ରିଷନ କୁମାର

ଭୁବନେଶ୍ୱର, ୧୪।୫(ପି.ଏନ): ବରିଷ୍ଠ ଆଇଏଏସ୍ ଅଧିକାରୀ ଡଃ. କ୍ରିଷନ କୁମାର ଶୁକ୍ରବାର ଦିନ ଓଡିଶା ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଯୋଗଦେବାର ପ୍ରଥମ ଦିବସରେ ସେ ଇଡକୋର ବିଭିନ୍ନ କାର୍ଯ୍ୟକ୍ରମ ତଥା କାର୍ଯ୍ୟକଳାପର ସମୀକ୍ଷା କରିଥିଲେ । ଉକ୍ତ ବୈଠକରେ, ସେ ସର୍ବପ୍ରଥମେ ରାଜ୍ୟ ସରକାରଙ୍କ '୫-ଟି' ଆଭିମୁଖ୍ୟ ଆଧାରରେ ଆହ୍ୱନ ପ୍ଲାନ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୦ ଗୋଟି ଏମ.ଏସ.ଏମ.ଇ ପାର୍କ ଏବଂ ଇଡକୋ ଟାୱାର ପ୍ରତିଷ୍ଠା ନିମନ୍ତେ ତ୍ୱରିତ ପଦକ୍ଷେପ ନେବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ, ପଶ୍ଚିମ ଓଡିଶାରେ ବିଜୁ ଏକ୍ସପ୍ରେସ ୱେ କରିଡର ନିକଟରେ ଏମ.ଏସ.ଏମ.ଇ ପାର୍କ ଗଠନ ନିମନ୍ତେ ସେ ଆଲୋଚନା କରିଥିଲେ। ଇଡକୋରେ ପ୍ରଚଳିତ ଭୂମି ଆବଣ୍ଟନ ଏବଂ ଭୂମି ଆବଂଟନ ପରବର୍ତୀ ସେବା ପ୍ରଦାନର ପ୍ରକ୍ରିୟାକୁ ସୂଚନା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କାର୍ଯ୍ୟକ୍ଷମ କରାଯାଇ ଶିଳ୍ପ ଉଦ୍ୟୋଗୀମାନଙ୍କର ବିଭିନ୍ନ ଅସୁବିଧା ଗୁଡିକର ଯଥାଶୀଘ୍ର ସମାଧାନ କରିବା ନିମନ୍ତେ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଇଡକୋ ଦ୍ୱାରା ପ୍ରତିଷ୍ଠିତ ଡେରାସ ଠାରେ ଥିବା ସି-ଫୁଡ ପାର୍କ, ପାରାଦୀପର ପ୍ଲାଷ୍ଟିକ ପାର୍କ, ଅନୁଗୋଳର ଆଲୁମିନିୟମ ପାର୍କ, ଭଦ୍ରକର ଟେକ୍ସଟାଇଲ୍ ପାର୍କ, ଇନଫୋଭ୍ୟାଲି ଫୁଡ ପାର୍କ ଇତ୍ୟାଦିର ଉନ୍ନତି କରଣ ଏବଂ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ସେ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ସେହିପରି, ଇଡକୋ ଦ୍ୱାରା ବିଭିନ୍ନ ଶିଳ୍ପାନୁଷ୍ଠାନମାନଙ୍କୁ ପ୍ରଦାନ କରାଯାଉଥିବା ବିଲ୍ଡିଂ ପ୍ଲାନ ଅନୁମୋଦନ ପ୍ରକ୍ରିୟାକୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ ଏହାର ଏକ ଚେକ ଲିଷ୍ଟ ତିଆରି କରି ତ୍ୱରିତ ଭାବରେ ୩ ରୁ ୭ ଦିନ ମଧ୍ୟରେ ଆଶାୟୀ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସେ ଗୋଟିଏ ଦିନର ପ୍ରଶାସନ(ୱାନ ଡେ ଗଭର୍ଣ୍ଣାନ୍ସ) ବ୍ୟବସ୍ଥାର ପ୍ରଚଳନ କରି ଇଡକୋରେ ଥିବା ବିଭିନ୍ନ ସମସ୍ୟା, ଅସୁବିଧା ଏବଂ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ଗୁଡିକର ତତକ୍ଷଣାତ ଅନୁମୋଦନ ତଥା ସମାଧାନ କରିବାକୁ ସୂଚନା ପ୍ରଦାନ କରିଥିଲେ । ଇଡକୋ କର୍ମଚାରୀ ଏବଂ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନମାନଙ୍କର ଥିବା ଅଭିଯୋଗଗୁଡିକ ସେମାନେ ସିଧାସଳଖ ଇ-ମେଲ୍ ଜରିଆରେ ଏହାର ଅଧ୍ୟକ୍ଷଙ୍କୁ ଜଣାଇବା ନିମନ୍ତେ ବ୍ୟବସ୍ଥା କରାଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି, ଯାହାକୁ କି ସେ ବ୍ୟକ୍ତିଗତ ଭାବରେ ଯାଞ୍ଚ ତଥା ପର୍ଯ୍ୟ।ଲୋଚନା କରିବେ ବୋଲି ସୂଚନା ଦେଇଥିଲେ । ରାଜ୍ୟରେ ଶିଳ୍ପର ବିକାଶ ଏବଂ ନୂତନ ଶିଳ୍ପ ପ୍ରତିଷ୍ଠା ଦିଗରେ ଆବଶ୍ୟକ ଥିବା ସମସ୍ତ ଜରୁରୀ ପଦକ୍ଷେପ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ସେ ଇଡକୋର ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଉ କ୍ତ ବୈଠକରେ ଇଡକୋର ମୁଖ୍ୟ ସାଧାରଣ ପରିଚାଳକ (ପ୍ରଶାସନ), ମୁଖ୍ୟ ସାଧାରଣ ପରିଚାଳକ (ଅର୍ଥ), ମୁଖ୍ୟ ସାଧାରଣ ପରିଚାଳକ (ଭୂମି), ମୁଖ୍ୟ ସାଧାରଣ ପରିଚାଳକ (ସିଭିଲ), ମୁଖ୍ୟ ସାଧାରଣ ପରିଚାଳକ (ଯୋଜନା ଏବଂ ସମନ୍ୱୟ) ଏବଂ ଅନ୍ୟ ସମସ୍ତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଅଭିନନ୍ଦନ

ପବିତ୍ର ଅକ୍ଷୟତୃତୀୟା ପାଳନ ଅବସରରେ ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

ଛୁଟି ଘୋଷଣା

ପବିତ୍ର ଅକ୍ଷୟତୃତୀୟା ଉପଲକ୍ଷେ ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ମେ ୧୫ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖରେ ପ୍ରକାଶ ପାଇବ ।

-ପ୍ରକାଶକ

ଗୋଟିଏ ଦିନରେ ୧୨୩୯୦ କରୋନା ଆକ୍ରାନ୍ତ ଚିହ୍ନଟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୮୮୬୮୭

ଭୁବନେଶ୍ୱର, ୧୪।୫(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୨୩୯୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୮୮୬୮୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୭୩୬୮୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୪୦୧୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୨୩୯୦ ଜଣଙ୍କ ମଧ୍ୟରୁ ୬୯୩୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୪୫୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୫୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୪୦ ଜଣ, ବରଗଡ଼ରୁ ୫୦୭ ଜଣ, ଭଦ୍ରକରୁ ୪୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୪୬୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୨୮, କଟକରୁ ୭୧୯ ଜଣ, ଦେବଗଡ ଜିଲ୍ଲାରୁ ୧୦୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୭୪ ଜଣ, ଗଜପତି ଜିଲ୍ଲାରୁ ୧୧୫, ଗଞ୍ଜାମରୁ ୩୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୫୯ ଜଣ, ଯାଜପୁରରୁ ୪୩୬ ଜଣ, ଝାରସୁଗୁଡ଼ାରୁ ୪୧୩ ଜଣ, କଳାହାଣ୍ଡିରୁ ୨୧୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୦୨ ଜଣ. କେନ୍ଦ୍ରାପଡ଼ାରୁ ୧୩୭ ଜଣ, କେନ୍ଦୁଝରରୁ ୨୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୨୨୦୧ ଜଣ, କୋରାପୁଟରୁ ୨୪୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୦୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୪୮୦ ଜଣ, ନବରଙ୍ଗପୁରରୁ ୩୬୨ ଜଣ, ନୟାଗଡ଼ରୁ ୩୦୧ ଜଣ, ନୂଆପଡ଼ାରୁ ୨୦୪ ଜଣ, ପୁରୀରୁ ୪୬୯ ଜଣ, ରାୟଗଡ଼ାରୁ ୧୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୬୭୭ ଜଣ, ସୋନପୁରରୁ ୧୭୮ ଜଣ, ସୁନ୍ଦରଗଡ଼ରୁ ୮୮୨ ଜଣ ଓ ଷ୍ଟେଟ୍ ପୁଲରୁ ୩୫୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

୧

ବର ମାରେ ୩ଥର ଶର

ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ

ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିୟଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ

କରୁଛନ୍ତ । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

ପୁରାଣ କାହାଣୀ

ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି

କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ

'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି । ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ । ୩୪ବର୍ଷୀୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।

ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅଡିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ରକ୍ଷଣାବେକ୍ଷଣ ଅଭାବରୁ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ନଷ୍ଟ ପଥରେ

କେନ୍ଦୁଝରଃ କେନ୍ଦୁଝରଗଡ ପୌରା□ଳର ରାସ୍ତା ପ୍ରଶସ୍ତିକରଣ ପରେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି । ୨୦୧୭ ମସିହାରେ ତତ୍କାଳୀନ ଜିଲ୍ଲାପାଳ ଡ ଏନ ତିରୁମାଲ୍ଲୁ ନାୟକଙ୍କ ପ୍ରଚେଷ୍ଟାରେ ସିରାଜୁଦ୍ଦିନ ଖଣି କମ୍ପାନୀ ସହାୟତାରେ ଗାନ୍ଧୀ ଛକଠାରୁ ଜଗନ୍ନାଥପୁର ଛକ ପର୍ଯ୍ୟ' ରାସ୍ତାରେ ମଝିରେ ଥିବା ଡିଭାଇଡର ମଝିରେ ତାର ଜାଲି ମଧ୍ୟରେ ୧୭୦ ଟି ମୂଲ୍ୟବାନ ରୟାଲ ପାମ ଗଛ ଲଗାଯିବା ସହ ମିନି ଟଗର,କାମିନୀ,ଏକଜରା ଗଛ ଲଗାଯାଇଥିଲା । କମ୍ପାନୀର ସିଏସ୍‌ଆର ରେ ୬୦ ଲକ୍ଷ ଟଙ୍କା ବ୍ୟୟରେ ୨୦୧୭ ଆରମ୍ଭ ହୋଇଥିବା ବୃକ୍ଷରୋପଣ ୨୦୧୮ ମସିହାରେ ଶେଷ ହୋଇଥିଲା । ବୃକ୍ଷରୋପଣ ପରେ ଖଣି କମ୍ପାନୀ ପକ୍ଷରୁ ଟ୍ୟାଙ୍କର ସହାୟତାରେ ୨ ବର୍ଷ ଧରି ପାଣି ଦିଆଯାଇଥିଲା । ପରେ ପୌରପାଳିକା ପକ୍ଷରୁ ପାଣି ଦିଆଯାଉଥିଲା । ଚଳତ ବର୍ଷ ଖରା ଦିନରେ ନିୟମିତ ପାଣି ଦିଆନଯିବା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ବହୁ ମୂଲ୍ୟବାନ ରୟାଲ ପାମ ଗଛ ଶୁଖି ନଷ୍ଟ ହୋଇ ରାସ୍ତା ଆଡକୁ ଢଳିଗଲାଣି । ଗଛ ଗୁଡିକ ଭାଙ୍ଗି ରାସ୍ତାର ଉଭୟ ପାର୍ଶ୍ୱରେ ଢଳି ରହିଥିଲେ ହେଁ ପୌର ପ୍ରଶାସନର ନଜର ନପଡିବା ଦୂର୍ଭାଗ୍ୟଜନକ । ସହରର ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ମୂଲ୍ୟବାନ ରୟାଲ ପାମ ଗଛ ଗୋଟିଏ ପରେ ଗୋଟିଏ ନଷ୍ଟ ହେଉଥିବାବେଳେ ପୌରାପଳିକା ପକ୍ଷରୁ ନିୟମିତ ପାଣି ଦିଆଯିବା, ଗଛ ମୂଳକୁ ସଫା କରିବା ଆଦି କାର୍ଯ୍ୟ କରା ନଗଲେ ଆଗାମି ଦିନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଯୋଜନା ପାଣିରେ ପଡିବ ।

ତେଲେଙ୍ଗାନା , ଆନ୍ଧ୍ରପ୍ରଦେଶରୁ ଟ୍ରେନ୍ ଯାତ୍ରୀଙ୍କ ପାଇଁ ଏସଓପି ଜାରି କଲେ ଦିଲ୍ଲୀ ଓ ଗୋଆ ସରକାର

ଭୁବନେଶ୍ୱରଃ ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଟ୍ରେନ ଯୋଗେ ଦିଲ୍ଲୀ ଯାଉଥିବା ଏବଂ ଦେଶର ଯେକୌଣସି ସ୍ଥାନରୁ ଗୋଆ ଯାଉଥିବା ଯାତ୍ରୀମାନଙ୍କ ପାଇଁ ଉଭୟ ସରକାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋଟୋକଲ୍ (ଏସଓପି) ଜାରି କରିଛନ୍ତି । ଦେଶର ଯେକୌଣସି ସ୍ଥାନରୁ ଗୋଆର ଯେକୌଣସି ଷ୍ଟେସନକୁ ଯାଉଥିବା ଯାତ୍ରୀ ଗୋଆ ରାଜ୍ୟରେ ପ୍ରବେଶ କରିବାର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ରିପୋର୍ଟ କିମ୍ୱା ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର ଦର୍ଶାଇବା ଜରୁରୀ ଅଟେ । ତେବେ ଗୋଆ ରାଜ୍ୟର ବାସିନ୍ଦା ହୋଇଥିଲେ , କାମ ପାଇଁ ଗୋଆରେ ପ୍ରବେଶ କରୁଥିବା ବ୍ୟକ୍ତି କାର୍ଯ୍ୟ ପ୍ରମାଣ ପତ୍ର / ନିଯୁକ୍ତିଦାତାଙ୍କଠାରୁ ଚିଠି କିମ୍ୱା ମେଡିକାଲ ସେବାରେ ଜରୁରୀକାଳୀନ ପରିସ୍ଥିତି ପାଇଁ ବ୍ୟକ୍ତି ମାନଙ୍କୁ ଏଥିରୁ ବାଦ୍ ଦିଆଯିବ । ସେହିଭଳି ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରୁ ଦିଲ୍ଲୀ ଅଂଚଳକୁ ଯାଉଥିବା ଟ୍ରେନଗୁଡିକ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଦ୍ୱାରା ଚିହ୍ନଟ ହୋଇଥିବା ସରକାରୀ ଅନୁଷ୍ଠାନିକ କ୍ୱାରେଂଟାଇନ/ ଦେୟଯୁକ୍ତ କ୍ୱାରେଂଟାନରେ ବାଧ୍ୟତାମୂଳକ ଭାବେ ୧୪ ଦିନ ପାଇଁ ରହିବାକୁ ପଡିବ । ଦୁଇଟି ଡୋଜ୍ କୋଭିଡ୍ ୧୯ ଟୀକା ନେଇଥିବା ପ୍ରମାଣ ପତ୍ର କିମ୍ୱା ଯାତ୍ରା ପ୍ରାରମ୍ଭ ଦିନର ୭୨ ଘଂଟା ମଧ୍ୟରେ ପରୀକ୍ଷା ହୋଇଥିବା ଆରଟିପିସିଆର ନେଗେଟିଭ ରିପୋର୍ଟ ଦର୍ଶାଇବା ଜରୁରୀ ଅଟେ । ଯଦି କୌଣସି ବ୍ୟକ୍ତିଙ୍କ ସହିତ ଘର କ୍ୱାରେଂଟାଇନରେ ପାଇଁ କୌଣସି ଉପଯୁକ୍ତ ସୁବିଧା ଉପଲବ୍ଧ ନଥାଏ, ତେବେ ସେ ୭ ଦିନ ପାଇଁ ଚିହ୍ନିତ ଅନୁଷ୍ଠାନରେ / ଦେୟଯୁକ୍ତ କ୍ୱାରେଂଟାଇନ ଚୟନ କରିପାରିବେ । ଯଦି କୌଣସି ବ୍ୟକ୍ତି ପ୍ରମାଣ ପତ୍ର ଦେଖାଇ ନପାରିବେ ତେବେ ସେମାନଙ୍କୁ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଗୃହ କ୍ୱାରେଂଟାଇନ ସମ୍ବନ୍ଧୀୟ ପ୍ରୋଟୋକଲ୍/ ଗାଇଡଲାଇନ / ଏସଓପି ଗୁଡ଼ିକର ଅନୁପାଳନ କ୍ଷେତ୍ରରେ ଏହିପରି ବ୍ୟକ୍ତିମାନଙ୍କୁ ୭ ଦିନ ସରକାରୀ ଅନୁଷ୍ଠାନରେ କ୍ୱାରେଂଟାଇନରେ ରଖାଯିବ ।

ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଟୀକା ୨୦୦ କୁ ଲୋକ ୫୦୦ ଟୋକନ ନପାଇ ଫେରିଲେ ୩୦୦ ଅତ୍ୟଧିକ ଭିଡ ଯୋଗୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା

ଭୁବନ: ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ ଟୀକା ନେବାପାଇଁ ଦିନକୁ ଦିନ ଆଶାୟୀ ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । କରୋନା କୁ ନେଇ ସମସ୍ତେ ଭୟଭୀତ ଆଉ ବଂଚିବା ପାଇଁ ସମସ୍ତେ ତତ୍ପର । ଟୀକା ନେଲି ମାନେ ମୁଁ ବଂଚିଗଲି ଏଇ ଚିନ୍ତାଧାରା ନେଇ ଲୋକେ ଗହଳି କରୁଛନ୍ତି । ଟୀକାକରଣରେ ଅବ୍ୟବସ୍ଥା,ଟୋକନ ପାଇଁ ଦାବି ସଂପର୍କରେ ବାରମ୍ବାର ଗଣମାଧ୍ୟରେ ଖବର ପ୍ରକାଶ ପାଇବା ପରେ ଏବେ ଡାକ୍ତରଖାନାରେ ପ୍ରଥମେ ପଞ୍ଜିକରଣ କରାଯାଇ ଟୋକନ ଦିଆଯିବା ପରେ ଲୋକମାନେ ଟୀକା ନେଉଛନ୍ତି । ପୂର୍ବରୁ ବଡିଭୋର ସମୟରୁ ଲୋକମାନେ ଟୀକା ନେବାକୁ ଟୀକାଦାନ କେନ୍ଦ୍ର ସମ୍ମୁଖରେ ଧାଡି ବାନ୍ଧି ଅପେକ୍ଷା କରୁଥିଲେ । ଖରା ବଢିବାରୁ ଲୋକମାନେ ସେମାନଙ୍କ ଆଧାରକାର୍ଡ ଉପରେ ଇଟା,ପଥର ରଖି ଦେଇ ଛାଇରେ ବିଶ୍ରାମ ନେଉଥିଲେ । ପୂର୍ବରୁ ପ୍ରତିଦିନ ଦେଢଶହ ଲୋକଙ୍କୁ ଟୀକାକରଣ ହେଉଥିବା ବେଳେ ଦୈନିକ ୨ ଶହ,୩ ଶହ ଲୋକ ଫେରୁଥିଲେ ଓ ପୁନର୍ବାର ତା ପରଦିନ ଆସି ଧାଡିରେ ଛିଡା ହେଉଥିଲେ । ବର୍ତମାନ ଦୈନିକ ୨ ଶହ ଲୋକଙ୍କୁ ଟୀକାକରଣ କରାଯାଉଥିବା ବେଳେ ପ୍ରଥମେ ସେମାନଙ୍କ ନାମ ପଞ୍ଜିକରଣ କରାଯାଇ ଟୋକନ ଦିଆଯାଉଛି । ପୂର୍ବେ ଟୀକାକରଣ କେନ୍ଦ୍ର ସମ୍ମୁଖରେ ଗହଳି ହେଉଥିଲା ଓ ଲୋକେ ପାହାନ୍ତା ପ୍ରହରରୁ ଆସି ଲାଇନ ଲଗାଉଥିଲେ ଆଉ ଏବେ ପଞ୍ଜିକରଣ କେନ୍ଦ୍ର ସମ୍ମୁଖରେ ଲାଇନ ଲଗାଉଛନ୍ତି । ବ୍ୟବସ୍ଥା ବଦଳିଲା କିନ୍ତୁ ଅବସ୍ଥା ସମାନ ରହିଲା । ଲୋକମାନେ ଯେମିତି ହିନସ୍ତା ହେଉଥିଲେ ସେମିତି ହେଲେ । ଆଜି ଭୁବନ ଡାକ୍ତରଖାନା ପରିସରରେ ଅସମ୍ଭବ ଭିଡ ପରିଲକ୍ଷିତ ହୋଇଥିଲା । ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଲୋକ ଟୀକା ନେବାକୁ ଆସିଥିବା ବେଳେ ମାତ୍ର ୨ ଶହ ଲୋକଙ୍କର ପଞ୍ଜିକରଣ ପରେ ଅନ୍ୟ ସମସ୍ତଙ୍କୁ ଫେରାଇ ଦିଆଯିବା ଯୋଗୁ କିଛି ସମୟ ଉତେଜନା ଦେଖାଦେଇଥିଲା । ଯେଉଁଦିନ ଟୀକାକରଣ ହେଉଛି ଯଦି ସେହି ଦିନ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କୁ କ୍ରମିକ ନମ୍ବର ପକାଇ ଟୋକନ ଦିଆଯାଆନ୍ତା ଏବଂ ୨ଶହ ପରବର୍ତି କ୍ରମିକ ନମ୍ବର ଲୋକମାନେ ପରବର୍ତି ଦିବସରେ ଟୀକା ନେବେ ବୋଲି କୁହାଯାଆନ୍ତା କିମ୍ୱା ସେମାନଙ୍କ ମୋବାଇଲକୁ ମେସେଜ ଦିଆଯାଆନ୍ତା ତାହେଲେ ଏଭଳି ଅବ୍ୟବସ୍ଥା ଉପୁଜନ୍ତା ନାହିଁ ବୋଲି ବୁଦ୍ଧିଜୀବୀ ମହଲ ଆଲୋଚନା କରୁଛନ୍ତି ଓ ଡାକ୍ତରଖାନାରେ ଯେଉଁଭଳି ଭାବେ ଗହଳି ହେଉଛି ସେଥିରେ ନିଶ୍ଚିତ ଭାବେ ଗୋଷ୍ଠୀ ସଂକ୍ରମଣ ହେବ ବୋଲି ଆଶଙ୍କା କରୁଛନ୍ତି । ବିଭାଗୀୟ ଉଚ୍ଚ କତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ବିହୀତ ପ୍ରତିକାର ବ୍ୟବସ୍ଥା କରିବାକୁ ଜନସାଧାରଣରେ ଦାବି ହୋଇଛି ।

କେବେ ସରିବ ଧାମରାରେ ୬ ହଜାର କୋଟି ଟଙ୍କାର ଏଲ୍‌ଏନ୍‌ଜି ପ୍ରକଳ୍ପ, ପାଇପ୍ ଯୋଗେ ଗ୍ୟାସ୍ ପାଇବା କଣ ସ୍ୱପ୍ନରେ ରହିଯିବ କି !

ଭଦ୍ରକ:ପୂର୍ବ ଭାରତରେ ପାଇପ୍ ଯୋଗେ ଏଲ୍‌ଏନ୍‌ଜି ଯୋଗାଇଦେବାକୁ କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ୍ ବିଭାଗ ତରଫରୁ ୨୦୧୭ ମସିହା ଜୁଲାଇ ମାସରେ ଭଦ୍ରକ ଜିଲା ଧାମରା ଠାରେ ୬ ହଜାର କୋଟି ଟଙ୍କା ବ୍ୟୟରେ ବାର୍ଷିକ ୫ ମିଲିୟନ୍ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏଲ୍‌ଏନ୍‌ଜି ଟର୍ମିନାଲର ଶିଳାନ୍ୟାସ କରାଯାଇଥିଲା । ଏହି ଶିଳାନ୍ୟାସ ଉତ୍ସବ ବି ମୂଳରୁ ବିବାଦୀୟ ଥିଲା । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗକୁ ତତ୍‌କାଳୀନ ଭଦ୍ରକ ଜିଲାର ସମସ୍ତ ବିଧାୟକ, ସାଂସଦଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଥିଲେ । ହେଲେ ଦଳୀୟ ଭିତ୍ତିରେ ଅନ୍ୟ କେତେକ ବିଜେପିର ଆଗଧାଡିର ନେତାଙ୍କୁ ଏହି ଅତିଥି ତାଲିକାରେ ଥିବାରୁ ଚିହ୍ନିକି ଉଠିଥିଲା ବିଜେଡି । ତେଣୁ ଏହି କାର୍ଯ୍ୟକ୍ରମକୁ ବିଜେଡି ବୟକଟ୍ କରିଥିଲା । କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମର ଶିଳାନ୍ୟାସ କରିଥିଲେ । ସେତେବେଳେ ଉକ୍ତ ଘଟଣା ରାଜ୍ୟ ରାଜନୀତିକୁ ଚଳଚ ଳ କରିଥିଲା । ଇତିମଧ୍ୟରେ ୪ ବର୍ଷ ବିତିଗଲାଣି ଏହି ବହୁ ପ୍ରତିଷ୍ଠିତ ଟର୍ମିନାଲ କାର୍ଯ୍ୟ ସରିପାରିନାହିଁ । ଫଳରେ ପାଇପ୍ ଯୋଗେ ଉନ୍ନତମାନର ଗ୍ୟାସ୍ ପାଇବାକୁ ଆଶା ରଖିଥିବା ପୂର୍ବ ଭାରତ ସାଙ୍ଗକୁ ଖୋଦ୍ ରାଜ୍ୟର ଉପଭୋକ୍ତାମାନେ ନିରାଶ ହେଉଛନ୍ତି । ତଥ୍ୟ ଅନୁଯାୟୀ ଏକବିଂଶ ଶତାବ୍ଦୀରେ କମ୍ ଅଙ୍ଗାରକାମ୍ଳ ଯୁକ୍ତ ଇନ୍ଧନ ବ୍ୟବହାର ସାଙ୍ଗକୁ ପୂର୍ବ ଭାରତରେ ଗ୍ୟାସ୍ ଶକ୍ତିକୁ ବିନିଯୋଗ କରି ଉକ୍ତ ରାଜ୍ୟ ଯଥା ଓଡ଼ିଶା, ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗ ଆଦି ରାଜ୍ୟର ଆର୍ଥିକ ବିକାଶକୁ କେନ୍ଦ୍ର ସରକାର ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି । ତେଣୁ ଏହି ଏଲ୍‌ଏନ୍‌ଜି ଗ୍ୟାସ୍ ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା । ୨୦୧୫ ମସିହା ପୂର୍ବରୁ ଯେତେବେଳେ ପାରାଦୀପ ଠାରେ ଗେଲ୍ ତରଫରୁ ହେବାକୁ ଥିବା ଭାସମାନ ଏଲ୍‌ଏନ୍‌ଜି ଟର୍ମିନାଲ କାର୍ଯ୍ୟ ବାତିଲ ହେଲା, ତେଣୁ ଏପରି ଏକ ପରିକଳ୍ପନା କରାଯାଇଥିଲା । ୨୦୧୫ ମସିହା ମଇ ମାସରେ ଗେଲ୍, ଭାରତୀୟ ତୈଳ ନିଗମ, ଆଦାନୀ କଂପାନୀଙ୍କ ମାଲିକାନାରେ ଏହି ପ୍ରକଳ୍ପ ହେବାକୁ ସ୍ଥିରୀକୃତ ହୋଇଥିଲା । ଯେଉଁଥିରେ ଆଦାନୀରେ ୫୦ ଭାଗ, ଗେଲ୍‌ର ୩୯ ଭାଗ ଓ ତୈଳ ନିଗମର ୧୧ ଭାଗ ମାଲିକାନା ସତ୍ୱ ରହିବାକୁ ସ୍ଥିରୀକୃତ ହୋଇଥିଲା । ହେଲେ ଏହି ଏମ୍‌ଓୟୁର ଅବଧି ୨୦୧୮ ମସିହାରେ ପୂରିଯିବା ପରେ ଗେଲ୍ ସ ତୈଳ ନିଗମଙ୍କ ମାଲିକାନା ସତ୍ୱ ସରିଯାଇଥିଲା । ପୁନର୍ବାର ୨୦୧୯ ମସିହାରେ ଆଦାନୀ ଅଧା ମାଲିକାନା ଥିବାବେଳେ ଗେଲ୍ ଓ ତୈଳ ନିଗମ ମାଲିକାନା ଏକ ଫ୍ରାନ୍ଚର କଂପାନୀକୁ ଦିଆଯାଇଛି । ମିଳିଥିବା ସୂତ୍ର ଅନୁଯାୟୀ ଏହି ଟର୍ମିନାଲ କାର୍ଯ୍ୟ ୭୦ ଶତକଡା ସରିଥିବା ଜଣାପଡିଛି । ଏହି ଟର୍ମିନାଲରେ ଦୁଇଟି ଟାଙ୍କି ରହିବ ବୋଲି ଜଣାପଡିଛି । ଏଲ୍‌ଏନ୍‌ଜି ଆମଦାନୀ, ମହଜୁଦ ଓ ରିଗ୍ୟାସିଫିକେସନ୍‌ର ଲକ୍ଷ୍ୟ ରଖାଯାଇଛି । ରାଜ୍ୟର ଶିଳ୍ପର ହବ୍ କୁହାଯାଉଥିବା ଭୁବନେଶ୍ୱର, କଟକ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡା, ରାଉରକେଲା ସାଙ୍ଗକୁ ସୁନ୍ଦରଗଡ, ଦେଓଗଡ, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଆଦି ୧୩ ଟି ଜିଲା ଏହି ପାଇପ୍ ଲାଇନ୍‌ରେ ଉପକୃତ ହେବେ ବୋଲି ଜଣାପଡିଛି । ଏହି ଟର୍ମିନାଲରୁ ନଗର ଗ୍ୟାସ୍ ବ ନ (ସିଜିଡି) ରେ ଆସୁଥିବା ପୂର୍ବ ଭାରତର ରାଁ, ବୋକାରୋ, ଜାମସେଦପୁର, କୋଲକାତା ଆଦିକୁ ଯୋଗାଣ ପାଇ ଲକ୍ଷ୍ୟ ଥିବା କୁହାଯାଇଥିଲା । ଏହି ସିଜିଡି ନେଟ୍‌ୱାର୍କରୁ ଘରୋଇ, ଅଟୋ ମୋବାଇଲ୍‌ସ୍‌କୁ ସିଏନ୍‌ଜି ଓ ବ୍ୟବସାୟିକ ପ୍ରତିଷ୍ଠାନକୁ ଶୁଦ୍ଧ ଜାଳେଣି ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିଲା । ଏହି ଏଲ୍‌ଏନ୍‌ଜି ଟର୍ମିନାଲରୁ ତୈଳ ନିଗମର ୩ଟି ରିଫାଇନାରୀ ଯଥା ବାରୁଣୀ, ହଳଦିଆ, ପାରାଦୀପ ସାଙ୍ଗକୁ ବାରୁଣୀ ସିନ୍ଦ୍ରି ଓ ଗୋରଖପୁର ଠାରେ ଥିବା ସାର କାରଖାନା ଉପକୃତ ହେବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଏଲ୍‌ଏନ୍‌ଜି ଦ୍ୱାରା ଓଡ଼ିଶା, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ଅଙ୍ଗାରକାମ୍ଳ ସ୍ତରକୁ କମେଇବାରେ ସକ୍ଷମ ହେବ ବୋଲି ଆଲୋଚନା ହୁଏ । ପୂର୍ବ ଭାରତର ରାଜ୍ୟମାନେ ପ୍ରାକୃତିକ ଗ୍ୟାସ୍‌ରୁ ଘରୋଇ, ଗମନାଗମନ ଶିଳ୍ପ ଆଦି କ୍ଷେତ୍ରରେ ସୁବିଧା ପାଉନଥିବାରୁ ଏସବୁ କ୍ଷେତ୍ର ସୁବିଧା ପାଇବାକୁ ଲକ୍ଷ୍ୟ ରଖାଯାଇଛି । ହେଲେ ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହେଉଥିଲେ ବି ଏହି କାର୍ଯ୍ୟ ସରିପାରିନାହିଁ । ଏହି ବୃହତ୍ ପ୍ରକଳ୍ପର ଶିଳାନ୍ୟାସବେଳେ ଭଦ୍ରକ ଜିଲାବାସୀ ଆଶା କରିଥିଲେ । ଏଥିରେ ନିଯୁକ୍ତି ମିଳିବ, ପାଇପ୍‌ରେ ଘରେ ଘରେ ଗ୍ୟାସ୍ ପହ୍‌ବ, ହେଲେ ସେ ଆଶା କେବେ ପୂରଣ ହେଉଛି, ତାହା ଉପରେ ନଜର ।

ଏସ୍.ସି.ବି. ମେଡ଼ିକାଲ କଲେଜ ଓ ରାଜଧାନୀ ହସ୍ପିଟାଲରେ ଅମ୍ଳଜାନ ପ୍ଲାଂଟ ପାଇଁ ଦାବୀ

ଭୁବନେଶ୍ୱରଃ ଓଡ଼ିଶା ରାଜ୍ୟ ସରକାର ସମସ୍ତ ଓଡ଼ିଶାବାସୀଙ୍କୁ ମାଗଣାରେ କରୋନା ଭ୍ୟାକ୍‌ସିନ୍ ଦେବା ଓ ଭ୍ୟାକ୍‌ସିନ୍ କିଣିବା ପାଇଁ ବିଶ୍ୱ ସ୍ତରୀୟ ଟେଣ୍ଡର କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସେହିପରି ରାଜଧାନୀ କ୍ୟାପିଟାଲ ଡାକ୍ତରଖାନାର ଆଧୁନିକରଣ ଏବଂ କଟକ ଏସ୍.ସି.ବି ମେଡ଼ିକାଲ କଲେଜର ପ୍ରସାରଣ ଓ ଆଧୁନିକରଣ ପ୍ରସ୍ତାବ କରିଥିବାବେଳେ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବା ଏବଂ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପଦକ୍ଷେପ ନ ନେବା ଆଦୌ ଗ୍ରହଣୀୟ ନୁହେଁ । ବିଶେଷ ଭାବରେ କରୋନା ସଂକ୍ରମଣ ପରିସ୍ଥିତିରେ ରାଜ୍ୟର ୨ ଟି ପ୍ରମୁଖ ସହରରେ ସରକାରୀ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଂଟ ନଥିବାରୁ ଅକ୍ସିଜେନ ସିଲିଣ୍ଡର ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି । କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ବଡ଼ ବେସରକାରୀ ଡାକ୍ତରଖାନାରେ ଓ ନୂଆ ଆରମ୍ଭ ହେଉଥିବା ଜିଲ୍ଲା ସ୍ତରୀୟ ମେଡ଼ିକାଲ କଲେଜରେ ଏହି ଅକ୍ସିଜେନ ପ୍ଲାଂଟ ନିର୍ମାଣ କରାଯାଉଥିବାବେଳେ କଟକ ଏସ୍.ସି.ବି. ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନା ଅକ୍ସିଜେନ ପ୍ଲାଂଟ ନଥିବାରୁ ବହୁ ସମୟରେ ରୋଗୀମାନେ ଘରୋଇ ଡାକ୍ତରଖାନାକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ଏଣୁ କଟକ ଏସ୍.ସି.ବି ମେଡ଼ିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ଡାକ୍ତରଖାନାରେ ତୁରନ୍ତ ଅକ୍ସିଜେନ ପ୍ଲାଂଟ ନିର୍ମାଣ କରିବା ପାଇଁ ଦାବୀ କରି ପୂର୍ବତନ ସାଂସଦ, ବରିଷ୍ଠ କଂଗ୍ରେସ ନେତା, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ଓଡ଼ିଶା ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ଗୋଟିଏ ଦିନରେ ୧୦୬୩୫ କରୋନା ଆକ୍ରାନ୍ତ ଚିହ୍ନଟ, ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨

ଭୁବନେଶ୍ୱରଃ ରାଜ୍ୟରେ ଗୋଟିଏ ଦିନରେ ୧୦୬୩୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୩୪୮୪୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୩୯୩୨୨ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୩୨୮୭ ରହିଛି ।

ଆଜି ଚିହ୍ନଟ ହୋଇଥିବା ୧୦୬୩୫ ଜଣଙ୍କ ମଧ୍ୟରୁ ୬୦୧୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୬୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୬୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୫୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୧ ଜଣ, ବରଗଡ଼ରୁ ୪୪୩ ଜଣ, ଭଦ୍ରକରୁ ୧୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪



ଭୁବନେଶ୍ୱର, ୨୦୨୧, ମେ ୧୫

ସବୁଜ ବିପ୍ଳବ ପାଇଁ ଉଦ୍ୟମ

ଗତ କିଛିବର୍ଷହେଲା ଓଡ଼ିଶା ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଚାହିଦା ପୂର୍ଣ୍ଣ କରିବା ସମ୍ଭବ ହେଉ ନଥିବାରୁ ଅସନ୍ତୋଷ ବଢୁଛି । ଆଳୁ, ପିଆଜ, ମାଛ, ଅଣ୍ଡା, ପରିବା ଫଳ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଲାଗି ରହିଛି । ପୂର୍ବରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ଏପରି ଘନ ଘନ ପରିବର୍ତ୍ତନ ହେଉନଥିଲା । ଏହାର ଗୋଟିଏ କାରଣ ଏୟା ହୋଇପାରେ ଯେ ରାଜ୍ୟବାସୀଙ୍କ ଉପାର୍ଜନ ବଢ଼ିବା ସହିତ ଖାଉଟି ସାମଗ୍ରୀର ଚାହିଦା ବଢୁଛି । ଯେଉଁମାନେ ଲୁଣ, ଲଙ୍କା, ବ୍ୟବହାର କରି ପଖାଳ ଖାଇ ଚଳି ଯାଉଥିଲେ, ସେମାନଙ୍କ ହାତକୁ ଅଧିକ ଉପାର୍ଜନ ଆସୁଥିବାରୁ ସେମାନଙ୍କ ଖାଇବା ଶୈଳୀରେ ପରିବର୍ତ୍ତନ ହୋଇଛି । ବିଶେଷକରି ଗରିବ, ସେମାନଙ୍କ ଉପରେ ଥିବା ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତମାନଙ୍କ ଜୀବନ ଶୈଳୀର ଆଖିଦୃଶିଆ ପରିବର୍ତ୍ତନ ହୋଇଛି । ଏପରିକି ମୟୁରଭଞ୍ଜ, କେନ୍ଦୁଝର, କୋରାପୁଟ, ରାୟଗଡ଼ା ପରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ବାସ କରୁଥିବା ଆଦିବାସୀମାନଙ୍କ ରୋଜଗାର ବଢ଼ିଛି । କୃଷି କ୍ଷେତ୍ରରେ ପୂର୍ବେ ୭୦ ବା ୮୦ ପ୍ରତିଶତ ଗ୍ରାମାଞ୍ଚଳ ଲୋକ ନିର୍ଭର କରୁଥିଲେ । ଗତ ପନ୍ଦର କୋଡ଼ିଏ ବର୍ଷ ଧରି ଶିଳ୍ପ ବିସ୍ତାର ସହିତ ଖଣି ଖାଦାନର ଉପଯୋଗ ବୃଦ୍ଧି ପାଇଛି । ଭିତ୍ତିଭୂମିର ବିକାଶ ହେବା ଯୋଗୁଁ ଗ୍ରାମାଞ୍ଚଳ ପୂର୍ବ ପରି ଅଗମ୍ୟ ବା ଦୁର୍ଗମ ହୋଇ ରହିନାହିଁ । ସମସ୍ତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ନଥିଲେ ମଧ୍ୟ ପ୍ରାୟ ଷାଠିଏ ପ୍ରତିଶତ ଗ୍ରାମ ସହିତ ସଡ଼କ ଓ ବିଦ୍ୟୁତ୍ ସଂଯୋଗ ହେଲାଣି । ଏହାଦ୍ୱାରା ଗମନାଗମନରେ ବିକାଶ ହୋଇଛି ଏବଂ ଗତିଶୀଳତା ବୃଦ୍ଧି ପାଇଛି । ଏକାଦଶ ଯୋଜନାରେ ମୁଣ୍ଡପିଛା ଉପାର୍ଜନ ପନ୍ଦର ହଜାର ପ୍ରାୟ ଥିଲାବେଳେ ଦ୍ୱାଦଶ ଯୋଜନାରେ ଏହା ପ୍ରାୟ ତେଇଶ ହଜାର ହୋଇଛି । ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ପ୍ରାୟ ୬୫% ଲୋକ ସାକ୍ଷର । ତ୍ରିପୁରା ଓ କେରଳ ପରି ରାଜ୍ୟରେ ସାକ୍ଷରତା ହାର ପଞ୍ଚାନବେ ପ୍ରତିଶତର ପାଖାପାଖି ଥିବାବେଳେ ଓଡ଼ିଶାର ସାକ୍ଷରତା ପଛରେ ପଡ଼ିଛି । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ନିଯୁକ୍ତି ତାଲିକାରେ ପ୍ରାୟ ୧୨ଲକ୍ଷ ସାକ୍ଷର ଲୋକଙ୍କ ନାମ ଥିଲେ ମଧ୍ୟ ବର୍ଷକୁ ଲକ୍ଷେ ଲୋକ ନିଯୁକ୍ତି ପାଉନାହାନ୍ତି । ଏମାନଙ୍କୁ ଯଦି ଧନ୍ଦା କରିବା ପାଇଁ କୌଶଳ ଶିକ୍ଷା ଦିଆଯାଏ ତେବେ ଏମାନଙ୍କ ଉପାର୍ଜନ ଆହୁରି ବଢ଼ିବ । ଓଡ଼ିଶାର ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ବ୍ୟୟ ୬୦ ହଜାର ହେଲାଣି । ଦ୍ୱାଦଶ ଯୋଜନାରେ ଯଦି ଶିଳ୍ପ ଓ ଧନ୍ଦା ଶିକ୍ଷା ସହିତ କୃଷି ଓ ଏହାର ଆଧୁନୀକରଣ ଉପରେ ଗୁରୁତ୍ୱ ଦିଆଯାଏ ତେବେ ଶିଳ୍ପ ବିକାଶ ସହିତ କୃଷିର ବିକାଶ ଦ୍ରୁତତର ହେବ । କୃଷି ବିଭାଗ କାର୍ଯ୍ୟ କେବଳ ଫାଇଲ ଭିତରେ ସୀମାବଦ୍ଧ । ଚାହିଦାକୁ ଚାହିଁ ରାଜ୍ୟର ଉତ୍ପାଦନ ଓ ଯୋଗାଣ ବ୍ୟବସ୍ଥା ତାଳ ଦେଇପାରୁନଥିବାରୁ ଆଳୁ, ପିଆଜ, ମାଛ, ଅଣ୍ଡା, ଡାଲି, ଫଳ ଓ ପରିବା ପରି ସାଧାରଣ ଖାଦ୍ୟଦ୍ରବ୍ୟ ଦୁର୍ଲଭ ହେଉଛି । ସରକାରଙ୍କ ଯୋଜନା ଅନୁସାରେ ଆସନ୍ତା କିଛିବର୍ଷ ମଧ୍ୟରେ କେବଳ କୋରାପୁଟରୁ ୫ଲକ୍ଷ ଟନ୍ ଆଳୁ ଉତ୍ପାଦିତ ହେବ । ଏହା ଯଦି ସଫଳ ହୁଏ ତେବେ କୃଷି ବିଭାଗ ପ୍ରଶଂସାଭାଜନ ହେବ । ସେହିପରି ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ଏବଂ ମାଛ, କୁକୁଡ଼ା ଚାଷ, ପରିବା ଚାଷ ପ୍ରତି ଗୁରୁତ୍ୱ ଦେଲେ ଦୁଇ/ଚାରିବର୍ଷ ମଧ୍ୟରେ ଓଡ଼ିଶା ଏସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବ । ମାଛ, ଅଣ୍ଡା, ପରିବା, ଫଳ ଇତ୍ୟାଦି ଆନ୍ଧ୍ରରୁ ନ ଆସିଲେ ଓଡ଼ିଶା ବଜାରରେ ଦୁଷ୍ପ୍ରାପ୍ୟଜନିତ ମୂଲ୍ୟବୃଦ୍ଧି ହୁଏ । ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତିରୁ ଏବଂ ମହାରାଷ୍ଟ୍ରରୁ ଅନେକ ଫଳମୂଳ, ଖାଦ୍ୟସାମଗ୍ରୀ ଆମଦାନୀ କରାଯାଉଛି । ଯନ୍ତ୍ରପାତି ନଥିବାରୁ କୃଷିର ଆଧୁନିକୀକରଣ ହୋଇନାହିଁ । ଶିଳ୍ପ ବିକାଶ ଯୋଗୁଁ ଏବେ ଆଉ ୭୦% ଲୋକ କୃଷି ଉପରେ ନିର୍ଭର କରୁନାହାନ୍ତି । ଏଇ ସଂଖ୍ୟା ୬୦%କୁ କମି ଆସିଛି । ଏହା ସହିତ ଲୋକମାନଙ୍କ ରୋଜଗାର ବଢ଼ିଛି ଏବଂ କୃଷି କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହେଲେ ସାଧାରଣ ଲୋକଙ୍କ ଜୀବନ ଶୈଳୀରେ ଦୃଢ଼ ପରିବର୍ତ୍ତନ ହେବ । କେବଳ ବୃହତ ଶିଳ୍ପ ସ୍ଥାପନ ଦ୍ୱାରା ବେକାରୀ ସମସ୍ୟାର ସମାଧାନ ହେବ ନାହିଁ । କ୍ଷୁଦ୍ର ଶିଳ୍ପ ଓ ବିଭିନ୍ନ ଧନ୍ଦାର ବିକାଶ କଲେ ଗେଞ୍ଜି, ଗାମୁଛା ଓ ଅନ୍ୟାନ୍ୟ କମ୍ ଦରର ଫ୍ରକ୍, ଚାଦର, ପରଦା, ପ୍ଲାଷ୍ଟିକ୍ ସାମଗ୍ରୀ, କୃଷି ସାମଗ୍ରୀ ଏବଂ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ପ୍ରଭୃତି ଓଡ଼ିଶାରେ ଉତ୍ପାଦିତ ହେଲେ ବେକାରୀ ସଂଖ୍ୟା ହ୍ରାସ ପାଇବ ଏବଂ ବାହାର ରାଜ୍ୟ ଆମ ବଜାରକୁ ଦଖଲ କରି ମାଲେମାଲ ହେବେ ନାହିଁ । କିନ୍ତୁ ଏଥିପାଇଁ ସୁଚିନ୍ତିତ ପରିକଳ୍ପନା ଲୋଡ଼ା । ଦାଦନ ଖଟୁଥିବା ଲକ୍ଷାଧିକ ଗରିବ ଓଡ଼ିଶାବାସୀଙ୍କୁ ବାହାର ରାଜ୍ୟକୁ ବଞ୍ଚିବା ପାଇଁ ଯିବା ପାଇଁ ବାଧ୍ୟ ନକରି ସେମାନଙ୍କୁ ରାଜ୍ୟ ଭିତରେ କୌଶଳ ଶିକ୍ଷା ଦେଇ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଉପାଦନ କରିବା ପାଇଁ ସକ୍ଷମ କଲେ ଓଡ଼ିଶା ପାଞ୍ଚ ବର୍ଷରେ ସ୍ୱାବଲମ୍ବୀ ରାଜ୍ୟରେ ପରିଣତ ହେବ । ବାହାର ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଶାବାସୀ ଶ୍ରମ କରି ସେ ସବୁ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରୁଥିବାବେଳେ ନିଜ ରାଜ୍ୟରେ ସେମାନଙ୍କୁ କାମଧନ୍ଦା ଯୋଗାଇ ଦେବାପାଇଁ କିଛି ଫଳପ୍ରଦ ଯୋଜନା ନକରିବା ଗଭୀର ଲଜ୍ଜା ଓ ପରିତାପର ବିଷୟ ।

ଆଜିର ଅନୁଚିନ୍ତା

କାଳ ଯାହାକୁ କବଳିତ କରିପାରେ ନାହିଁ, ସେ ହିଁ ମହାକାଳ ।

ଉଦାର ଶିଷ୍ୟ

ରାମାନୁଜାଚାର୍ଯ୍ୟ ଜଣେ ପ୍ରସିଦ୍ଧ ବିଦ୍ୱାନ ଥିଲେ । ମାଡ୍ରାସନଗରୀ ନିକଟସ୍ଥ ପେରୁମ୍ବଦରମଠାରେ ତାଙ୍କର ଜନ୍ମ । ବାଲ୍ୟକାଳରେ ଶିକ୍ଷାଗ୍ରହଣ ନିମନ୍ତେ ସେ ଗୁରୁଗୃହରେ ଅବସ୍ଥାନ କରୁଥିଲେ । ଶିକ୍ଷା ସମାପ୍ତ ସମୟ ନିକଟ ହୋଇଆସିଲା । ଏକଦା ଗୁରୁ ତାଙ୍କ ପାଖକୁ ଡାକି କହିଲେ- ବତ୍ସ ! ମୁଁ ତୁମକୁ ଗୋଟିଏ ମନ୍ତ୍ର ଦୀକ୍ଷା ସ୍ୱରୂପ ଦେଉଛି, ଏହି ମନ୍ତ୍ରର ଶ୍ରୋତା ମଧ୍ୟ ସ୍ୱର୍ଗଲୋକ ପ୍ରାପ୍ତିରେ ସକ୍ଷମ ହୋଇପାରିବ । ତେବେ ଏହି ମନ୍ତ୍ରର ତୁମେ ସଦ୍‌ବ୍ୟବହାର କରିବାକୁ ପଡ଼ିବ । ରାମାନୁଜ ଗୁରୁଙ୍କଠାରୁ ସେହି ମନ୍ତ୍ର ଗ୍ରହଣ କରିଥିଲେ 'ଓଁ ନମୋନାରାୟଣାୟ' । ଆଶ୍ରମ ଛାଡ଼ିବା ପୂର୍ବରୁ ଗୁରୁ ପୁଣିଥରେ ଚେତାବନୀ ଦେଇ କହିଥିଲେ- ରାମାନୁଜ ! ଧ୍ୟାନରଖ, ଏଇ ମନ୍ତ୍ର ଯେପରି କୌଣସି ଅଯୋଗ୍ୟ, ଅପଦାର୍ଥ ଲୋକଙ୍କ କାନରେ ନ ପଡ଼େ । ରାମାନୁଜ ମନେମନେ ଭାବିଲେ- ସତରେ ଗୁରୁଙ୍କ କହିବା ମୁତାବକ ଏହି ମନ୍ତ୍ରର ଶକ୍ତି କେତେ ଅପାର ! ଯଦି ଏହି ମନ୍ତ୍ର ଶୁଣିବା ଦ୍ୱାରା ସ୍ୱର୍ଗପ୍ରାପ୍ତି ସମ୍ଭବ ବୋଲି ଗୁରୁ କହୁଛନ୍ତି, ତେବେ ମୁଁ ଅନ୍ୟମାନଙ୍କୁ ଏଇ ମନ୍ତ୍ର ଶିକ୍ଷା ନଦେଇ ନିଜ ଭିତରେ ସୀମିତ ରଖିବି କାହିଁକି ? ଏଭଳି କଲେ ଏହା ମୋର ସଂକୀର୍ଣ୍ଣ ମାନସିକତାର ପରିଚାୟକ ହେବ । ଏଭଳି ଶିକ୍ଷାରେ କି ଲାଭ ଯାହା ଅନ୍ୟର ହିତସାଧନ ନକରିବ ? ରାମାନୁଜଙ୍କ ଆବିଳତାଶୂନ୍ୟ ହୃଦୟରେ ଏକମାତ୍ର ଭାବନା ଥିଲା- ସକଳ ମନୁଷ୍ୟ ସମାଜର କଲ୍ୟାଣ, ଲକ୍ଷ୍ୟ ଥିଲା ସକଳବର୍ଗର ସାମଗ୍ରିକ କଲ୍ୟାଣ । ସଂକୀର୍ଣ୍ଣତାର ଢେର ଊର୍ଦ୍ଧ୍ୱରେ ଥିଲେ ସେ । ଏହି ଲକ୍ଷ୍ୟସାଧନ ନିମନ୍ତେ ସେ ଏତେ ବ୍ୟଗ୍ର ଥିଲେ ଯେ ବିଭିନ୍ନ ସ୍ଥାନ ବୁଲିବୁଲି ସେ ଏହି ମନ୍ତ୍ରର ମହତ୍ତ୍ୱ ପ୍ରଚାର କରିବାକୁ ଲାଗିଲେ । ନିମ୍ନଶ୍ରେଣୀର ଲୋକ ମଧ୍ୟ ସେହି ମନ୍ତ୍ର ଜପ କରିବାକୁ ଲାଗିଲେ । ଗୁରୁ ଯେତେବେଳେ ଜାଣିଲେ ଯେ ତାଙ୍କର ଚେତାବନୀ ସତ୍ତ୍ୱେ ଶିଷ୍ୟ ସକଳବର୍ଗର ଲୋକଙ୍କୁ ମନ୍ତ୍ର ଶିକ୍ଷା ଦେଉଛନ୍ତି, ସେତେବେଳେ ସେ ବିଚଳିତ ହୋଇପଡ଼ିଲେ । ଶିଷ୍ୟର ବିଶ୍ୱସନୀୟତା ଓ ଗୁରୁଭକ୍ତି ଉପରେ ସନ୍ଦେହ ଆସିଲା । ଏହି ଘଟଣାକୁ ନେଇ ଗୁରୁ ଅତି ପ୍ରିୟମାଣ ଥିବା ନେଇ ରାମାନୁଜ ଜାଣିବାକୁ ପାଇଲେ । ତାଙ୍କ ନିକଟକୁ ଆସି କ୍ଷମାପ୍ରାର୍ଥନା କରି ନମ୍ର ଭାବରେ କହିଲେ-ଗୁରୁଦେବ ! ଏହି ମନ୍ତ୍ରର ଜପ ବଳରେ ଯଦି ସମସ୍ତଙ୍କ ସ୍ୱର୍ଗପ୍ରାପ୍ତି (ମଙ୍ଗଳ) ସମ୍ଭବ ତେବେ ତାହା ହିଁ ହେଉ, କେବଳ ମୁଁ ଯାଇପାରିବି ନାହିଁ, କାରଣ ମୁଁ ଆପଣଙ୍କର ଆଦେଶ ଲଂଘନ କରିଥିବାରୁ ନରକକୁ ଯିବି । ଯଦି ମୁଁ ନରକକୁ ଯିବା ଦ୍ୱାରା ଅଧିକାଂଶ ଲୋକଙ୍କ ମଙ୍ଗଳ ସମ୍ଭବ, ତେବେ କ୍ଷତି କ'ଣ ? ଗୁରୁଦେବ ନିଜର ପ୍ରିୟ ଶିଷ୍ୟଠାରୁ ଏଭଳି ଉତ୍ତର ଶୁଣି ଅଭିଭୂତ ହୋଇ ତାଙ୍କୁ ଆଲିଙ୍ଗନ କରି କହିଲେ- 'ବତ୍ସ ! ତୁମେ ମୋର ଅଜ୍ଞାନ ଆବୃତ ଆଖି ଖୋଲି ଦେଇଛ । ତୁମଭଳି ଜଣେ ଉଦାର ଶିଷ୍ୟ ନରକକୁ ଯିବ କାହିଁକି ? ସକଳ ଲୋକଙ୍କ ମଙ୍ଗଳ କାମନା କରୁଥିବା ବ୍ୟକ୍ତି ତ ନିରନ୍ତର ସୁଖ, ଆନନ୍ଦ ପାଇଥାନ୍ତି । ତୁମେ ପ୍ରକୃତ ଅର୍ଥରେ ଜଣେ ସଚ୍ଚା ଆଚାର୍ଯ୍ୟ । ତୁମ ଉପରେ ସଦାସର୍ବଦା ଗୁରୁକୃପା ରହିଥିବ ।'

ରାମାନୁଜାଚାର୍ଯ୍ୟ ଗୁରୁଙ୍କଠାରୁ ଏହା ଶୁଣି ତାଙ୍କର ପାଦତଳେ ଲୋଟିପଡିଲେ ।

ଆଧ୍ୟାତ୍ମିକ ଶିକ୍ଷଣ ସ୍ତମ୍ଭ

କଳ୍ପବଟ

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।

E-mail: editorpbkc@gmail.com
9853400829 (M), Fax: 0674-2550504

ଅକ୍ଷୟ ତୃତୀୟା ଓ କୃଷକ ଦିବସର ଅନୁଚିନ୍ତା

ଆମ ରାଜ୍ୟର କୃଷି ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାଠାରୁ ଚାଷ କାର୍ଯ୍ୟର ଶୁଭାରମ୍ଭ କରାଯାଇଥାଏ । ଏହି ସମୟର କୃଷିଜଳବାୟୁ ମୁଖ୍ୟତଃ ଧାନ ଫସଲ ସହିତ ଅନ୍ୟାନ୍ୟ ବହୁ ଫସଲର ଅଙ୍କୁରଣ ପାଇଁ

ଏକାନ୍ତ ଅନୁକୂଳ । କୃଷି ଆମ ରାଜ୍ୟବାସୀଙ୍କ ମୁଖ୍ୟ ଜିବୀକା । କୃଷି କ୍ଷେତ୍ରରେ ପ୍ରଗତୀ ସାଧିତ ହେଲେ ରାଜ୍ୟର ଅର୍ଥନୈତିକ ସମୃଦ୍ଧି ହିଁ ସମ୍ଭବ । ପୌରାଣିକ ଓ ସଂସ୍କୃତି ଆଧାରରେ ଚାଷୀକୁଳ ବହୁ ଆବାହମାନ କାଳରୁ ଅକ୍ଷୟ ତୃତୀୟା ତିଥି ଅବସରରେ ମାଟି ମା'କୁ ପୂଜାର୍ଚ୍ଚନା କରି ଅଖିମୁଠୀ ଅନୁକୂଳ କରିଥାନ୍ତି । "ବସୁଧେ ହେମ ଗର୍ଭାସୀ, ବହୁ ଶସ୍ୟ ଫଳପ୍ରଦେ । ବସ୍ତୁ ପୂଜ୍ୟେ ନମସ୍ତୁଭ୍ୟଂ ବସ୍ତୁ ପୂର୍ଣ୍ଣସ୍ତୁ ମେ କୃଷି ।।" ସେହିପରି ପୌରାଣିକ ମତରେ ମା' ପାର୍ବତୀ ଦେବ ଦେବ ମହାଦେବ ମହାଯୋଗୀଙ୍କୁ କୃଷିକାର୍ଯ୍ୟ କରିବା ହିଁ ଶ୍ରେଷ୍ଠ ବୋଲି କହିଥିଲେ ତାହା ହେଲା "ବିଷ୍ଣୁ ପ୍ରାଥୟେ ମେଦିନି ଧନଗତେ ବୀଜଂ ବଳଂ ଲାଙ୍ଗଳଂ ବୃଷଭଶ୍ଚ ତବ । ପ୍ରେତପତି ମହିଷଂ ଫାଳମଂ ତ୍ରିଶୁଳଂ କୁରୁ ।। ସତ୍ୟାହମ୍ ତବ ଭୁକ୍ତ ପାନଶ୍ଚ ସ୍କନ୍ଦତେ ଗୋରେକ୍ଷଣ । ଭିକ୍ଷାମୁଚ କୃଷି କରୋତୁ ଭବତାମ୍ ଚନ୍ଦ୍ରାର୍ଦ୍ଧ ଚୁଡ଼ାମଣୀ ।।" ତତ୍ ସହିତ ଅର୍ଥଶାସ୍ତ୍ରରେ ବର୍ଣ୍ଣିତ ଅଛି ବାଣିଜ୍ୟେ ବସତି ଲକ୍ଷ୍ମୀ ତଦର୍ଦ୍ଧଂ କୃଷି କର୍ମଣୀ ତଦର୍ଦ୍ଧଂ ରାଜସେବାୟାଂ, ଭିକ୍ଷା ନୈବ ଚ ନୈବ ଚ ।। ତେଣୁ କୃଷି ଜୀବନ ପାଇଁ ଜୀବିକାର ପ୍ରମୁଖ ମାର୍ଗ । ଏହି ପରିପ୍ରେକ୍ଷୀରେ ଚାଷୀକୁଳକୁ ସମ୍ମାନ ଜଣାଇବା ପାଇଁ ଏହି ଦିବସରେ ତତ୍କାଳୀନ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସାରସ୍ୱତ୍ୱ ସାଧକ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୯୬ ମସିହା ଏପ୍ରିଲ-୧୬ରେ ରାଜ୍ୟରେ ପ୍ରଥମେ ନୂତନ କରି କୃଷିନୀତି ପ୍ରଣୟନ କରି ଏହି ଦିବସକୁ କୃଷକ ଦିବସ ରୂପେ ସରକାରୀ ସ୍ତରରେ ପାଳନ କରାଯିବା ସହ କୃଷିକୁ ଶିଳ୍ପର ମାନ୍ୟତା ପ୍ରଦାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବର୍ତ୍ତମାନର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୦୦୮, ୨୦୧୩ ଓ ୨୦୨୦ରେ ସଂଶୋଧିତ ସମୃଦ୍ଧି କୃଷିନୀତି ପ୍ରଣୟନ କରି କୃଷି ଓ କୃଷକଙ୍କ ସାମଗ୍ରୀକ ବିକାଶ ପାଇଁ ଅନେକଗୁଡିଏ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ଅଦ୍ୟାବଧି ଚାଷୀଙ୍କର ଆଶାନୁରୂପକ ଭାବେ ବିକାଶ ଘଟିନାହିଁ । ପରିସଂଖ୍ୟାନରୁ ଜଣେପଡ଼େ ରାଜ୍ୟ ଜନସଂଖ୍ୟାର ପାଖାପାଖି ଶତକଡ଼ା ୮୩ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରନ୍ତି । ଏଥିରୁ ପ୍ରାୟ ଶତକଡ଼ା ୬୧.୦୮ ଭାଗ ଲୋକବଳ କୃଷି କ୍ଷେତ୍ରରେ ନିୟୋଜିତ ଥାଆନ୍ତି । ଘରୋଇ ଉତ୍ପାଦନକୁ ଏମାନଙ୍କ ଅବଦାନ ପ୍ରାୟ ଶତକଡ଼ା ୧୮ ଭାଗ, ଯାହାକି ଜାତୀୟ ମୋଟ ଘରୋଇ ଉତ୍ପାଦକୁ ଓଡ଼ିଶାର ଅବଦାନ ପ୍ରାୟ ଶତକଡ଼ା ୩ ଭାଗ । କିନ୍ତୁ ଚିନ୍ତାର ବିଷୟ କ୍ରମାଗତ ଭାବେ ଲୋକ ସଂଖ୍ୟା ଅନୁଯାୟୀ ଚାଷୋପଯୋଗୀ ଜମି ସଙ୍କୁଚିତ ହେବା, ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପ୍ରତି ବିମୁଖ, ବିଭିନ୍ନ ଫସଲର ବିପଣନଠାରୁ ଆରମ୍ଭ କରି ସଂଗ୍ରହ, ସଂରକ୍ଷଣ, ପ୍ରକ୍ରିୟାକରଣ ଓ ପ୍ରସ୍ତୁତିକରଣ ଏବଂ ରପ୍ତାନୀ କ୍ଷେତ୍ରରେ ଆମ ରାଜ୍ୟ ବହୁ ପଛରେ । ଦୁଗ୍ଧ, ଅଣ୍ଡା, ଧାନ ଉତ୍ପାଦନକୁ ଛାଡ଼ିଦେଲେ ଅନ୍ୟ ସବୁ କିଛି ବାହାର ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି । ଯେଉଁ ଭଳି ଭାବେ ଗ୍ରାମାଞ୍ଚଳରେ କୃଷି ଭିତ୍ତିଭୂମି ପ୍ରତିଷ୍ଠା କରାଯିବା ଆବଶ୍ୟକ ଓ ଚାଷ ପାଇଁ ଜଳସେଚନ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଏବଂ ଚାଷୀର ଆୟ ବୃଦ୍ଧି ପାଇଁ ସେଭଳି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ । ତେଣୁ ଆଜି କୃଷକ ଦିବସ ପାଳନ ଅବସରରେ ଏହା ଏକ ଅନୁଚିନ୍ତାର ମୁଖ୍ୟ କାରଣ । ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଚାଷୀ ଭାଇ ଓ ଭଉଣୀମାନଙ୍କ ସୁଖ ସମୃଦ୍ଧି ପ୍ରଗତି କାମନା କରିବା ସହ ଆମ ରାଜ୍ୟ ସରକାର ଯଦି ଚାଷୀମାନଙ୍କ ବିକାଶ ପାଇଁ ନିମ୍ନ ଲିଖିତ ପ୍ରସ୍ତାବଗୁଡିକୁ ପ୍ରତିବଦ୍ଧତାର ସହିତ କାର୍ଯ୍ୟକାରୀ କରନ୍ତି କୃଷକ ସମାଜ ପାଇଁ ଏହା ହେବ ଶ୍ରେଷ୍ଠ ସମ୍ମାନ ।

ରାଜ୍ୟର ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟ ପତ୍ର ପ୍ରଦାନ, ଚାଷ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ୨୫ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଚାଷୀଙ୍କୁ ମାସିକ ୩୦୦୦ ଟଙ୍କା ପେନ୍‌ସନ, ଧାନ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି, ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଦିଆଯାଉଥିବା ପ୍ରଚଳିତ ଆର୍ଥିକ ସହାୟତାର ଦୁଇଗୁଣା ବୃଦ୍ଧି । ୨୦୨୧ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କଠାରୁ କୃଷି ଋଣ ଛାଡ, ପ୍ରତି ପଞ୍ଚାୟତ ସ୍ତରରେ ବର୍ଷ ତମାମ ନିରନ୍ତର ପ୍ରକ୍ରିୟାରେ ଧାନ କ୍ରୟ ବ୍ୟବସ୍ଥା । ଗୋଦାମ ଗୃହ ନିର୍ମାଣ, ଚାଷ ଉପଯୋଗୀ ଜମିର ସୁରକ୍ଷା, ସମସ୍ତ ଭାଗଚାଷୀଙ୍କୁ ଆଇନଗତ ସ୍ୱିକୃତୀ । ଚାଷୀଙ୍କୁ କୃଷି ଋଣ ଓ ଫସଲବୀମା କ୍ଷତି ପୂରଣ ସଠିକ୍ ସମୟରେ ପ୍ରଦାନ, ଗ୍ରାମାଞ୍ଚଳର କୃଷି ଭିତ୍ତିଭୂମିର ସୁଦୃଢୀକରଣ, ରାଜ୍ୟର କୃଷି ଅଭିବୃଦ୍ଧି ହାର ବୃଦ୍ଧି, ପ୍ରତି ଚାଷୀ ପରିବାର ମୁଣ୍ଡପିଛା ଆୟ ବୃଦ୍ଧି ପାଇଁ କୃଷି ଓ ଆନୁସଙ୍ଗୀକ କୃଷି କ୍ଷେତ୍ରରେ ସ୍ୱତନ୍ତ୍ର ଯୋଜନା, ଚାଷୀର ଉତ୍ପା

ଗରମ ସହି ନ ପାରି ଗଛରୁ ତଳକୁ ଖସି ଜୀବନ ହରାଇଲେଣି ଶତାଧିକ ବାଦୁଡ଼ି

ବାରିପଦା: ବାରିପଦା ପୌରପରିଷଦର କେନ୍ଦ୍ରସ୍ଥଳି ଗାନ୍ଧୀପାର୍କ ଓ ପାର୍କକୁ ଲାଗିଥିବା ବଡ଼ ପୋଖରୀ ଆଡ଼ି ସହ ଅଷ୍ଟଲିଙ୍ଗେଶ୍ୱର ପକ୍ଷୀ ବିହାର ଭିତରେ ରହିଥିବା ଗଛଗୁଡ଼ିକରେ ହଜାର ହଜାର ସଂଖ୍ୟାରେ ବାଦୁଡ଼ି ରହିଥାନ୍ତି । ଗ୍ରୀଷ୍ମ ଋତୁରେ ତାପମାତ୍ରାରେ ବୃଦ୍ଧି ଘଟିଲେ ଏହି ବାଦୁଡ଼ିମାନେ ଗରମକୁ ସହି ନ ପାରି ଗଛରୁ ପାଚିଲା ଫଳ ଭଳି ତଳକୁ ଖସି ପଡ଼ନ୍ତି । ଏହି ସମୟରେ ତଳକୁ ଖସିପଡ଼ିଥିବା ବାଦୁଡ଼ିମାନଙ୍କୁ ପାଣି ପିଆଇ ସୁସ୍ଥ କରାଇବା ବଦଳରେ କେତେକ ହିଂସ୍ର ମଣିଷ ଏମାନଙ୍କୁ ନେଇ ତାର ମାଂସକୁ କାଟି ଖାଉଥିବା ବେଳେ ଅନ୍ୟ କେତେକ ପ୍ରତି କିଲୋଗ୍ରାମ ପିଛା ଏକ ହଜାରୁ ଟଙ୍କାରୁ ଆରମ୍ଭ କରି ୨/୩ ହଜାର ଟଙ୍କାରେ ଏମାନଙ୍କ ମାଂସକୁ ବିକ୍ରି କରିଥାନ୍ତି । ବାଦୁଡ଼ିମାନଙ୍କର ଏହି ପ୍ରକାରର ଦୁରାବସ୍ଥାକୁ ଦେଖି ବାରିପଦା ପୌରପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି ବନଖଣ୍ଡ ଅଧିକାରୀ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ସହ ଯୋଗାଯୋଗ କରି ବାଦୁଡ଼ିମାନେ ବସବାସ କରୁଥିବା ଗଛଗୁଡ଼ିକରେ ପାଣି ସ୍ପ୍ରେ କରାଇଥାନ୍ତି ଏବଂ ଏହି ପାଣି ସ୍ପ୍ରେ ବାଦୁଡ଼ିମାନଙ୍କ ଜୀବନକୁ ସୁରକ୍ଷିତ କରାଇ ଦେଇଥାଏ । ମାତ୍ର ୨୦୧୯ରେ ପୌରପରିଷଦର ବୋର୍ଡ଼ ଭାଙ୍ଗିଯିବା ପରେ ବାଦୁଡ଼ିମାନଙ୍କ ଉପରେ ପାଣି ସ୍ପ୍ରେ କରାଯିବା କାର୍ଯ୍ୟ ବନ୍ଦ ହୋଇଗଲା । ଏହି ସମୟରେ ଚଳିତ ବର୍ଷ ବାରିପଦା ସହର ଓଡ଼ିଶାର ଉତପ୍ତ ସହରରେ ପରିଣତ ହୋଇ ସାରିଥିବା ବେଳେ ବାଦୁଡ଼ିମାନଙ୍କ ସୁରକ୍ଷା ନିମନ୍ତେ କାହାରି ଆନ୍ତରିକତା ନଥିବାରୁ ଶହ ଶହ ସଂଖ୍ୟାରେ ବାଦୁଡ଼ି ତଳକୁ ଖସି ଜୀବନ ହରାଉଛନ୍ତି । ଏ ବିଷୟରେ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରିନଥିଲେ ।

ଭୁବନେଶ୍ୱରରେ ଟେଷ୍ଟିଂ ଓ ହସ୍ପିଟାଲରେ ଶଯ୍ୟା ବୃଦ୍ଧି ଦାବି କଲା ବିଜେପି

କୋଭିଡ୍ ପରିସ୍ଥିତିରେ ବିଏମସି କମିଶନରଙ୍କୁ ରାଜଧାନୀବାସୀଙ୍କ ସମସ୍ୟା ଜଣାଇଲେ

ଭୁବନେଶ୍ୱର: ଭୁବନେଶ୍ୱରରେ କୋଭିଡ୍ ଚିକିତ୍ସା ପାଇଁ ଶଯ୍ୟା, ମେଡିସିନ, ଅକ୍ସିଜେନ ଅଭାବ କାରଣରୁ ପରିସ୍ଥିତି ସଂକଟାପନ୍ନ ହୋଇପଡିଛି । କୋଭିଡ୍ କାରଣରୁ ସୃଷ୍ଟି ହୋଇଥିବା ସାଂପ୍ରତିକ ପରିସ୍ଥିତିରେ ରାଜଧାନୀବାସୀଙ୍କ ମୌଳିକ ସମସ୍ୟା ସଂପର୍କରେ ଜିଲ୍ଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ସୋମବାର ବିଏମସି କମିଶନରଙ୍କୁ ସାକ୍ଷାତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବୀ କରିଛନ୍ତି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି ।

ଶ୍ରୀ ସିଂ କହିଛନ୍ତି ଯେ ପ୍ରତିଦିନ କୋଭିଡ୍ ସଂକ୍ରମଣ ଦ୍ରୁତ ଗତିରେ ବଢି ଚାଲିଥିବାବେଳେ କୋଭିଡ୍ ପରିଚାଳନାରେ ଅନେକ ତ୍ରୁଟି ଓ ଅବହେଳା ସ୍ପଷ୍ଟ ପରିଲକ୍ଷିତ ହେଉଛି । ପ୍ରଥମତଃ କୋଭିଡ୍ ଟେଷ୍ଟ ସଂଖ୍ୟା ବହୁ ମାତ୍ରାରେ ହ୍ରାସ ପାଇଛି । ଦ୍ୱିତୀୟତଃ ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଚିକିତ୍ସା ପାଇଁ ଡାକ୍ତରଖାନାଗୁଡିକରେ ଶଯ୍ୟାର ଅଭାବ, ଔଷଧର ଅଭାବ ସହ ଅକ୍ସିଜେନର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି । କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ଶଯ୍ୟା ବୃଦ୍ଧି କରାଯିବା ସହ ପ୍ରତ୍ୟେକ ମେଡିକାଲରେ ପର୍ଯ୍ୟାପ୍ତ ପରିମାଣର ମେଡିସିନ ଓ ଅକ୍ସିଜେନ ଉପଲବ୍ଧ ପାଇଁ ଶ୍ରୀ ସିଂ ଦାବୀ ଜଣାଇଛନ୍ତି । ଭୁବନେଶ୍ୱର ଏକ ଜନଗହଳିପୂର୍ଣ୍ଣ ଅଂଚଳ ହୋଇଥିବାରୁ ବିଭିନ୍ନ ଅଂଚଳକୁ ନିୟମିତ ଭାବେ ସାନିଟାଇଜ କରାଯାଉ ।

କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ ବ୍ୟବସ୍ଥା ଓ ଅଗ୍ନି ସୁରକ୍ଷା ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

- କୋଭିଡ୍ ଚିକିତ୍ସା ପାଇଁ ଘରୋଇ ଡାକ୍ତରଖାନା ଅଧିକ ଫି ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

- ତୃତୀୟ ଲହରୀ ପାଇଁ ଏବେ ଠାରୁ ସତର୍କ ଦୃଷ୍ଟି ରଖିବାକୁ ପରାମର୍ଶ

ଭୁବନେଶ୍ୱର: ଜିଲ୍ଲାସ୍ତରରେ କୋଭିଡ ଚିକିତ୍ସା କେନ୍ଦ୍ର ଗୁଡିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ମେଡିକାଲ ଅକ୍ସିଜେନ ସୁବିଧା ଉପରେ ୨୪ ଘଂଟିଆ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି କୋଭିଡ ଚିକିତ୍ସା କରୁଥିବା ବେସରକାରୀ ମେଡିକାଲ ଉପରେ ସତର୍କ ଦୃଷ୍ଟି ରଖ । ସେମାନେ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଭିତରେ ଲୋକଙ୍କ ଠାରୁ ଅର୍ଥ ସଂଗ୍ରହ କରିବାକୁ ବାଧ୍ୟ । ଯଦି ସେମାନେ ଏହା ନ କରନ୍ତି, ତେବେ ସଂପୃକ୍ତ ହସ୍ପିଟାଲ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ କୋଭିଡ ସଂଖ୍ୟା ଥିବା ଅଂଚଳ ଗୁଡିକରେ ଟେଷ୍ଟିଂ, ଟ୍ରେସିଂ ଓ କଂଟେନମେଂଟକୁ ଜୋରଦାର କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ କୋଭିଡ ପରିଚାଳନା ସଂପର୍କିତ ବୈଠକରେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇସିୟୁ ଓ ଏଚଡିୟୁ ଦାୟିତ୍ୱରେ ଥିବା ଡାକ୍ତରମାନଙ୍କ ଠାରୁ ସିଧାସଳଖ ଫିଡବ୍ୟାକ୍ ନେଇ ସେମାନଙ୍କ ମତାମତ ଭିତିରେ ପଦକ୍ଷେପ ନିଅ ।

ଟୀକାକରଣ କାର୍ଯ୍ୟକ୍ରମ ପାଇଁ ତ୍ରୁଟି ଶୂନ୍ୟ ବ୍ୟବସ୍ଥା କରିବା , ବୟସ୍କ, ମହିଳା ଓ ଦୁର୍ବଳ ଶ୍ରେଣୀର ଲୋକଙ୍କର ଯତ୍ନ ନେବା କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । କୋଭିଡ ହସ୍ପିଟାଲ ଗୁଡିକରେ ହେଲ୍‌ପ ଲାଇନ ଗୁଡିକୁ ଅଧିକ କ୍ରିୟାଶୀଳ କରାଯାଉ ଏବଂ ରୋଗୀଙ୍କ ପରିବାର ବର୍ଗଙ୍କୁ ନିୟମିତ ସୂଚନା ଦିଆଯାଉ ।ଏଭଳି କଠିନ ସମୟରେ ଦୁଃଖ ଓ ଦୈନ୍ୟରେ ଥିବା ଲୋକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବ୍ୟବହାର କରି ସାହାଯ୍ୟ କର । ଏହି ଯୁଦ୍ଧ ବହୁତ ଲମ୍ୱା । ପରିସ୍ଥିତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଲକ୍‌ଡାଉନ ଲାଗୁ କରାଯାଇଛି । ଏହା ଠିକ୍ ଚାଲିଥିଲେ ମଧ୍ୟ କେତେକ ସ୍ଥାନରେ ଏଥିରେ ଅଧିକ ଉନ୍ନତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଆମେ ସଫଳତା ପାଇଛୁ ଏବଂ ଏହି କୋଭିଡ ମହାମାରୀ କ୍ଷେତ୍ରରେ ମଧ୍ୟ ଏହା ହିଁ ଉପଯୁକ୍ତ ପନ୍ଥା । ତେଣୁ ସହରାଂଚଳରେ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଅନୁଷ୍ଠାନ ଓ ଗ୍ରାମାଂଚଳରେ ପଂଚାୟତ ପ୍ରତିନିଧି ମାନଙ୍କ ସକ୍ରିୟ ସହଯୋଗରେ ଲୋକଙ୍କ ସହାୟତା କରଯିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ମହାମାରୀକୁ ନିୟନ୍ତ୍ରଣ କରିବାକୁ ଟୀକାକରଣ ହେଉଛି ଆମର ମୁଖ୍ୟ ରଣନୀତି । ପରିସ୍ଥିତିରେ ସୁଧାର ଆସିବା ପର୍ଯ୍ୟନ୍ତ ସମସ୍ତଙ୍କୁ ସତର୍କ ହେବାକୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ମାସ୍କ ବ୍ୟବହାର, ହାତ ଧୁଆ ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ସହିତ ଅନାବଶ୍ୟକ ଭାବେ ବାହାରେ ନ ବୁଲି ଘରେ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ ।ବୈଠକରେ ଆଲୋଚନା ସମୟରେ ତୃତୀୟ ଲହରୀର ସମ୍ଭାବନା ସଂପର୍କରେ ତଥ୍ୟ ସଂଗ୍ରହ ସହିତ ସମ୍ଭାବ୍ୟ ମୁକାବିଲା ବ୍ୟବସ୍ଥା ପାଇଁ ପ୍ରସ୍ତୁତ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ପୁରୀରେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଓ ସେମାନଙ୍କ ପରିବାରବର୍ଗଙ୍କ ସଂପୂର୍ଣ୍ଣ ଟୀକାକରଣ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ ଯେ କୋଭିଡ ଅବଜରଭର ମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅକ୍‌ସିଜେନ ବ୍ୟବସ୍ଥାର ୨୪ ଘଂଟିଆ ତଦାରଖ କରାଯାଉଛି । କୋଭିଡ କେୟାର କେନ୍ଦ୍ର ଗୁଡିକରେ ଅଧିକ ଆଇସିୟୁ ଓ ଭେଂଟିଲେଟର ଶଯ୍ୟାର ବ୍ୟବସ୍ଥା କରାଯାଇଛି ଏବଂ ଆହୁରି ଅଧିକ ଶଯ୍ୟା ପାଇଁ ପଦକ୍ଷେପ ଜାରି ରହିଛି ।

ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ ପି.କେ. ମହାପାତ୍ର କୋଭିଡ ପରିସ୍ଥିତି ଉପରେ ଏକ ଉପସ୍ଥାପନା ରଖି କହିଥିଲେ ଯେ ସାରା ବିଶ୍ୱରେ ବର୍ତମାନ ଭାରତର କୋଭିଡ ସଂକ୍ରମଣ ସଂଖ୍ୟା ୫୪ ପ୍ରତିଶତ ରହିଛି । ଓଡିଶାରେ ବର୍ତମାନର ସ୍ଥିତି ସଂପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଓଡିଶାର କୋଭିଡ ସଂଖ୍ୟା ବର୍ତମାନ ଦେଶର କୋଭିଡ ସଂଖ୍ୟାର ୨.୭ ପ୍ରତିଶତ ରହିଛି । ସର୍ବଭାରତୀୟ ସ୍ତରରେ ମୃତ୍ୟୁ ହାର ୧.୦୯ ଓ ଓଡିଶାରେ ଏହା ୦.୪୦ ରହିଛି । ଖୋର୍ଦ୍ଧା ଓ କଟକ ଜିଲ୍ଲା ବ୍ୟତୀତ ଛତିଶଗଡ ସୀମାରେ ଜିଲ୍ଲା ଗୁଡିକରେ ଅଧିକ ପଜିଟିଭ କେସ୍ ରହୁଛି । ଓଡିଶାର ବର୍ତମାନ ଟେଷ୍ଟ ପଜିଟିଭିଟି ଗତ ୧୫ ଦିନ ଧରି ୨୦.୨ ରହିଛି । ରାଜ୍ୟରେ ବର୍ତମାନ ଦୈନିକ ୫୨.୯ ମେଟ୍ରିକ ଟନ୍ ଅକ୍‌ସିଜେନ ଖର୍ଚ୍ଚ ହେଇଛି ।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅଭୟ କୋଭିଡ ନିୟମାବଳୀର ଅନୁପାଳନ ଦିଗରେ ପୋଲିସର ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ କହିଥିଲେ ଯେ କୋଭିଡ ନିୟମାବଳୀର ଉଲଘଂନ ପାଇଁ ବର୍ତମାନ ସୁଦ୍ଧା ୨୮ କୋଟି ୯୧ ଲକ୍ଷ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ବିଭିନ୍ନ କୋଭିଡ ଚିକିତ୍ସାଳୟରେ ଅଗ୍ନି ନିୟନ୍ତ୍ରଣ ସଂପର୍କରେ ନିଆଯାଉଥିବା ପଦକ୍ଷେପ ଉପରେ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସୂଚନା ଦେଇଥିଲେ । ବୈଠକରେ ସମ୍ବଲପୁର, ବରଗଡ, ପୁରୀ, କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କୋଭିଡ ପରିଚାଳନା ସଂପର୍କରେ ଜିଲ୍ଲାପାଳ ଓ କମିଶନର ମାନେ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ ବୈଠକକୁ ସଂଯୋଜନା କରିଥିଲେ ।

ଓଜେଇଇ ଆବେଦନ ଜୁନ୍ ୧୫ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୧୪।୫(ପି.ଏନ): ଓଡିଶା ଜଏଂଟ ଏଂଟ୍ରାନ୍ସ ଏକଜାମିନେସନ୍ (ଓଜେଇଇ) ପାଇଁ ଆବେଦନ ଅବଧି ଜୁନ୍ ୧୫ କୁ ବୃଦ୍ଧି କରାଯାଇଛି । ସେହିପରି ଫି ଦାଖଲର ଶେଷ ତାରିଖ ଜୁନ୍ ୧୭କୁ ବୃଦ୍ଧି କରାଯାଇଛି । କରୋନା ସଂକ୍ରମଣକୁ ରୋକିବା ପାଇଁ ସାରା ରାଜ୍ୟରେ ଲକ୍ ଡାଉନ୍ ଜାରି ରହିଥିବାରୁ ଏହି ନିଷ୍ପତି ନିଆଯାଇଛି । ପୂର୍ବରୁ ଓଜେଇଇ ଆବେଦନ ଅବଧି ମଇ ୧୫ ଯାଏ ଥିଲା ଏବଂ ଜୁନ୍ ୧୭ରୁ ୨୪ ଯାଏଁ ପରୀକ୍ଷା ପାଇଁ ଧାର୍ଯ୍ୟ କରାଯାଇଥିଲା ।

ଗୋଟିଏ ଦିନରେ ୯୭୯୩ କରୋନା ଆକ୍ରାନ୍ତ ଚିହ୍ନଟ , ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫୪୬୬୬

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୯୭୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୫୪୬୬୬ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୪୫୭୫୬୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୪୮୨୯ ରହିଛି ।

ଆଜି ଚିହ୍ନଟ ହୋଇଥିବା ୯୭୯୩ ଜଣଙ୍କ ମଧ୍ୟରୁ ୫୫୩୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୨୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୫୧୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୧୪ ଜଣ, ବରଗଡ଼ରୁ ୨୭୦ ଜଣ, ଭଦ୍ରକରୁ ୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୪୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାରୁ ୧୫୨, କଟକରୁ ୬୪୧ ଜଣ, ଦେବଗଡ ଜିଲ୍ଲାରୁ ୧୨୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୯୧ ଜଣ, ଗଜପତି ଜିଲ୍ଲାରୁ ୧୧୧, ଗଞ୍ଜାମରୁ ୨୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୮୯ ଜଣ, ଯାଜପୁରରୁ ୩୭୬ ଜଣ, ଜିଲ୍ଲାରୁ ୧୦୧ ଜଣ. କେନ୍ଦ୍ରାପଡ଼ାରୁ ୧୫୮ ଜଣ, କେନ୍ଦୁଝରରୁ ୨୪୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୫୧୧ ଜଣ, କୋରାପୁଟରୁ ୧୭୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୯୯ ଜଣ, ନବରଙ୍ଗପୁରରୁ ୩୦୨ ଜଣ, ନୟାଗଡ଼ରୁ ୨୫୪ ଜଣ, ନୂଆପଡ଼ାରୁ ୪୦୧ ଜଣ, ପୁରୀରୁ ୩୫୧ ଜଣ, ରାୟଗଡ଼ାରୁ ୧୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୫୬ ଜଣ, ସୋନପୁରରୁ ୧୪୦ ଜଣ, ସୁନ୍ଦରଗଡ଼ରୁ ୧୦୧୮ ଜଣ ଓ ଷ୍ଟେଟ୍ ପୁଲରୁ ୨୮୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

୧୫ ଫୁଟ ଲମ୍ବର ଅହିରାଜ ଉଦ୍ଧାର

ବାରିପଦା: ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକ ଓ ରେଞ୍ଜ ଅଧୀନ ନିଶ୍ଚିନ୍ତା ଗ୍ରାମର ଅଶୋକ ମହାପାତ୍ରଙ୍କ ଘରର ବେଡ଼ ରୁମ ଭିତରେ ଆଜି ସକାଳ ସମୟରେ ଏକ ବିରାଟକାୟ ସାପ ଲୁଚିଥିବାର ପରିବାରର ଲୋକେ ଦେଖି ବାଙ୍ଗିରିପୋଷି ରେଞ୍ଜକୁ ଖବର ଦେଇଥିଲେ । ଖବରପାଇ ରେଞ୍ଜ ଅଧିକାରୀ , ଫରେଷ୍ଟ ଗାର୍ଡ଼ ସ୍ନେକ ହେଲପ୍ ଲାଇନର ଅଭିଜ୍ଞ ସାପଧରାଳୀ କ୍ରୀଷ୍ଣା ଗୋଛାୟତ ଓ ତପନ ଗୋଛାୟତଙ୍କୁ ସାଥୀରେ ଧରି ପୂର୍ବାହ୍ନ ପ୍ରାୟ ସାଢ଼େ ୭ ସମୟରେ ଅଶୋକ ମହାପାତ୍ରଙ୍କ ଘରେ ପହଂଚି ଅତି ସତର୍କତାର ସହିତ ସାପଟିକୁ ଉଦ୍ଧାର କରିଥିଲେ । ଉଦ୍ଧାର କରାଯାଇଥିବା ସାପଟି ଅହିରାଜ ବୋଲି ଜଣାପଡ଼ିଥିବା ବେଳେ ସାପଟିର ଲମ୍ବ ୧୫ ଫୁଟ ହୋଇଥିଲା । ପରେ ଉକ୍ତ ଅହିରାଜ ସାପଟିକୁ ବାଙ୍ଗିରିପୋଷି ଘାଟି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା ।

କନ୍ଦୁଝର ଜିଲ୍ଲାରେ କରୋନା ସଂକ୍ରମଣ ଉପରମୁହାଁ:ଆଜି ୧୯୩ ପଜିଟିଭ ଏବଂ ଆକ୍ଟିଭକେଶ ୧୦୭୮:ସଠିକ ମୃତ୍ୟୁ ସଂଖ୍ୟା ଦର୍ଶାନଯିବା ଉପରେ ଉଠିଲା ପ୍ରଶ୍ନ

କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ କରୋନା ଗ୍ରାଫ ଉପରମୁହାଁ ହୋଇ ଚାଲିଛି । ସଂକ୍ରମଣଙ୍କ ସଂଖ୍ୟା ବଢି ବଢି ଚାଲିଛି । ଏହାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ । ଅମାନିଆଙ୍କ ସଂଖ୍ୟା ମଧ୍ୟ କମୁ ନାହିଁ । ଆଜି ଜିଲ୍ଲାରେ ୧୯୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୬୧ ଜଣ ସୁସ୍ଥ ହୋଇ ମଧ୍ୟ ଘରକୁ ଫେରିଥିବା ଜଣା ପଡିଛି । ଆଜି ଚିହ୍ନଟଙ୍କ ମଧ୍ୟରେ ପୁଣି କେନ୍ଦୁଝର ସଦର ବ୍ଲକ ଅଂଚଳରେ ୩୩ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଗଡ ମ୍ୟୁନିସପାଲଟି ଅଂଚଳରେ ୩୧ ଜଣ ରହିଛନ୍ତି । ଅନୁରୂପ ଭାବେ ବଂଶପାଳ ବ୍ଲକ ଓ ଯୋଡା ବ୍ଲକ ଅଂଚଳରେ ୧୫ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି ଅଂଚଳରେ ୨୮ ଜଣ , ଯୋଡା ମ୍ୟୁନିସପାଲଟି ଓ ପାଟଣା ବ୍ଲକ ଅଂଚଳରେ ୧୩ ଜଣ ଲେଖାଁଏ , ଚମ୍ପୁଆ ବ୍ଲକ ଓ ଘଷିପୁରା ବ୍ଲକ

ପରିବାର ଆଗକୁ ଆସିଲେନି

କରୋନା ମୃତ ସଂସ୍କାର କଲେ ସ୍ୱେଚ୍ଛାସେବୀ

କେନ୍ଦୁଝର: କରୋନା ଆକ୍ରାନ୍ତ ହୋଇ ଶୁଆକାଟୀରେ ହୋମ ଆଇସୋଲେସନରେ ଥିବା ଜଣେ କରୋନା ଆକ୍ରାନ୍ତ ପ୍ରହଲ୍ଲାଦ ସେଠୀଙ୍କ ଗତ କାଲି ଅପରାହ୍ନରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ଶବକୁ ଛୁଇଁଲେ କେହି ନାହିଁ କି ଆଜି ଶବ ସଂସ୍କାର ପାଇଁ ପରିବାର ଲୋକ ମଧ୍ୟ ଆଗକୁ ଆସିଲେନି । ଶୁଆକାଟୀ ମାଇନିଂ ଛକରେ ରହୁଥିବା ପ୍ରହଲ୍ଲାଦ ସେଠୀଙ୍କୁ(୬୩) କିଛି ଦିନ ହେବ ଜ୍ୱର ହେବା ପରେ କରୋନା ପରୀକ୍ଷା ପରେ କୋଭିଡ ପଜିଟିଭ ଆସିଥିଲା । ଏହା ପରେ ସେ

ଚିହ୍ନଟ ହେଲେ ୧୦୦ ନୂଆ ଆକ୍ରାନ୍ତ, ଜଣଙ୍କର ମୃତ୍ୟୁ ପରେ ସଂଖ୍ୟା ୩୨

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ଆଉ ୧୦୦ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ସମୟ ମଧ୍ୟରେ ଜଣଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୧୦ ହଜାର ୩୪୦। ସୁସ୍ଥଙ୍କ ସଂଖ୍ୟା ୮ହଜାର ୬୬୨ ଥିବା ବେଳେ ଜଣଙ୍କର ମୃତ୍ୟୁକୁ ନେଇ ମୋଟ ମୃତକଙ୍କ ସଂଖ୍ୟା ହୋଇଛି ୩୨। ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୧୬୪୬ଜଣ। ନୂତନ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଚାନ୍ଦବାଲି ବ୍ଲକ ନଳଗୋହିରା ଅ ଳର ଜଣେ କଟକ ବଡ଼ ମେଡିକାଲରେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବନ୍ତ ବ୍ଲକର ଆଡିଆ ଗ୍ରାମରୁ ଜଣେ, ବିଟିପୁର ଗ୍ରାମରୁ ଜଣେ, ତାଜିପୁର ଗ୍ରାମରୁ ୩୩ଜଣ, ଚାରିଗାଁ ଗ୍ରାମରୁ ଜଣେ, ଆମ୍ଭୋର ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ଭଦ୍ରକ ବ୍ଲକର ଅଣ୍ଟେଇପଲୀ ଗ୍ରାମରୁ ୨ଜଣ, ବହୁଦରଡ଼ାରୁ ୨ଜଣ, ରାଣିତାଲରୁ ୨ଜଣ, ଗୋପାଳବିନ୍ଧା, ଚୁନିଦା, କଳାହାଣ୍ଡିଆ ଓ ଗେଲପୁରରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁରରୁ ୩ଜଣ, ୧୧ ନଂ ୱାର୍ଡ ନୂଆବଜାରରୁ ୨ଜଣ, ୧୬ ନଂ ୱାର୍ଡ କୁଆଁସ ଗ୍ରାମରୁ ଜଣେ, ୨୩ ନଂ ୱାର୍ଡ ପୁରୁଣାବଜାରରୁ ଜଣେ, ୬ ନଂ ୱାର୍ଡ ବାଇପାସ୍‌ରୁ ୨ଜଣ, ୯ ନଂ ୱାର୍ଡ ଚାରିଘରିଆ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଭଣ୍ଡାରିପୋଖରୀ ବ୍ଲକର ତାଳପଦା ଗ୍ରାମରୁ ୨ଜଣ, ଦକ୍ଷିଣବାଡ ଗ୍ରାମରୁ ଜଣେ, ଆମ୍ବଗଡ଼ିଆ ଗ୍ରାମରୁ ଜଣେ, କି ଗ୍ରାମରୁ ଜଣେ, ଶ୍ୟାମସୁନ୍ଦରପୁର ଗ୍ରାମରୁ ଜଣେ, ନାଆମୀ ଗ୍ରାମରୁ ଜଣେ, ଡଗରପଡ଼ା ଗ୍ରାମରୁ ଜଣେ, ପାଟୁଳି ଗ୍ରାମରୁ ଜଣେ, ଦେଓପଡ଼ାରୁ ୨ଜଣ, ଖଡିସିଙ୍ଗାରୁ ଜଣେ, ସରସଦାରୁ ଜଣେ, ବଡଶାସନ ଗ୍ରାମରୁ ଜଣେ ଏବଂ ମଣିନାଥପୁର ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଧାମନଗର ଏନ୍‌ଏସିର ୭ନଂ ୱାର୍ଡ ଶ୍ୟାମପୁରରୁ ଜଣେ ଓ ୧୧ ନଂ ୱାର୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ଷୋହଡା ବାଲିପଡ଼ା ଗ୍ରାମରୁ ୩, ପଳିକିରି ଗ୍ରାମରୁ ୨ଜଣ ଚିହ୍ନଟ ହୋଇଥିବା ବେଳେ ବାସୁଦେବପୁର ବ୍ଲକର ବାହୁଆ ଗ୍ରାମରୁ ଜଣେ, କମାରଗାଁ ଗ୍ରାମରୁ ଜଣେ ଓ ସୁଗୋ ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ତିହିଡ଼ି ବ୍ଲକର ନନ୍ଦପୁର ଗ୍ରାମରୁ ଜଣେ, ବାମନବିନ୍ଧାରୁ ଜଣେ, ଦୋଳସାହିରୁ ୨ଜଣ ଓ ଡିଆସାହିରୁ ଜଣେ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକ ନଳଗୋହିରାରୁ ଜଣେ, ଭୁଇଁବୁଡି ଗ୍ରାମରୁ ଜଣେ, ମଧୁପୁରରୁ ୨ଜଣ, ମତୋରୁ ଜଣେ, ମଉସୁଧାରୁ ଜଣେ, ତେନ୍ତୁଲିଡିହରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଚାନ୍ଦବାଲି ଏନ୍‌ଏସିର ୧ନଂ ୱାର୍ଡରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟଜିଲ୍ଲା ମାନଙ୍କ ଭିତରୁ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରୁ ଜଣେ, ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରୁ ୨ଜଣ ଓ ନୟାଗଡ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଗୋଟିଏ ଦିନରେ ୧୦୦୩୧ କରୋନା ଆକ୍ରାନ୍ତ ଚିହ୍ନଟ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୪୪୮୭୩

ଭୁବନେଶ୍ୱର: ରାଜ୍ୟରେ ଗୋଟିଏ ଦିନରେ ୧୦୦୩୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୫୪୪୮୭୩ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୪୪୭୮୬୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୪୭୬୦ ରହିଛି।

ଆଜି ଚିହ୍ନଟ ହୋଇଥିବା ୧୦୦୩୧ ଜଣଙ୍କ ମଧ୍ୟରୁ ୬୬୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୪୦୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୩୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩୦ ଜଣ, ବରଗଡ଼ରୁ ୪୫୦ ଜଣ, ଭଦ୍ରକରୁ ୨୪୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୨୭୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ବୌଦ୍ଧ ଜିଲ୍ଲାରୁ ୧୮୩, କଟକରୁ ୭୨୦ ଜଣ, ଦେବଗଡ ଜିଲ୍ଲାରୁ ୧୧୮ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୪୪ ଜଣ, ଗଜପତି ଜିଲ୍ଲାରୁ ୮୯, ଗଞ୍ଜାମରୁ ୨୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୧୫ ଜଣ, ଯାଜପୁରରୁ ୩୨୮ ଜଣ, ଝାରସୁଗୁଡ଼ାରୁ ୪୧୮ ଜଣ, କଳାହାଣ୍ଡିରୁ ୪୩୩ ଜଣ, କନ୍ଧମାଳ ଜିଲ୍ଲାରୁ ୭୫ ଜଣ. କେନ୍ଦ୍ରାପଡ଼ାରୁ ୨୪୩ ଜଣ, କେନ୍ଦୁଝରରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ଖୋର୍ଦ୍ଧାରୁ ୧୩୨୯ ଜଣ, କୋରାପୁଟରୁ ୧୪୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୨୦୭ ଜଣ, ନବରଙ୍ଗପୁରରୁ ୩୦୬ ଜଣ, ନୟାଗଡ଼ରୁ ୨୬୯ ଜଣ, ନୂଆପଡ଼ାରୁ ୩୧୧ ଜଣ, ପୁରୀରୁ ୭୦୮ ଜଣ, ରାୟଗଡ଼ାରୁ ୧୩୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୦୨ ଜଣ, ସୋନପୁରରୁ ୧୬୯ ଜଣ, ସୁନ୍ଦରଗଡ଼ରୁ ୮୨୪ ଜଣ ଓ ଷ୍ଟେଟ୍ ପୁଲରୁ ୨୭୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ଭୁବନେଶ୍ୱରରେ ୨୪ ଘଂଟାରେ ୧୦୮୪ ପଜିଟିଭ୍

ଭୁବନେଶ୍ୱର: ରାଜଧାନୀ ଭୁବନେଶ୍ୱରରେ କରୋନାର ହଜାରେ ଟ୍ରେଣ୍ଡ ଜାରି ରହିଛି। ରବିବାର ଦିନ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଆଉ ୧୦୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୬୧୪ କୁ ବୃଦ୍ଧି ପାଇଛି। ଆଜି ୨୧୩ ଜଣ କ୍ୱାରେଂଟାଇନ୍ ମାମଲା ରହିଥିବା ବେଳେ ୮୭୧ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୯୦୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି।

ଆଜି ଚିହ୍ନଟ ହୋଇଥିବା ୮୭୧ ଲୋକାଲ୍ କେସ ଭିତରୁ ସର୍ବାଧିକ ନୟାପଲ୍ଲୀରୁ ୫୩ ଜଣ , ପଟିଆରୁ ୫୨ ଜଣ ରହିଥିବା ବେଳେ ଖଣ୍ଡଗିରିରୁ ୪୪ ଜଣ, ଓଲ୍ଡଟାଉନ୍ ରୁ ୪୧ ଜଣ ,ରସୁଲଗଡରୁ ୪୦, ଡୁମଡୁମାରୁ ୩୩ , ବରମୁଣ୍ଡାରୁ ୩୨ , ଝାରପଡାରୁ ୩୧ ଜଣ ଆକ୍ରାନ୍ତ ରହିଛନ୍ତି।

ସେହିପରି ଓଲ୍ଡ ଟାଉନ୍ ଓ ନୟାପଲ୍ଲୀରୁ ୧୬ ଲେଖାଏଁ ,ଶୈଳଶ୍ରୀବିହାରରୁ ୧୩, ବଡଗଡରୁ ୧୦, ଖଣ୍ଡଗିରିରୁ ୯ ଜଣ ଲେଖାଏଁ ଲୋକାଲ୍ କେସ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୨୫୩୦ କୁ ବୃଦ୍ଧି ପାଇଛି।

କରୋନା ଟେଷ୍ଟ ପରେ ୬୦ ଶ୍ରମିକଙ୍କ ପଶ୍ଚିମବଙ୍ଗ ଯାତ୍ରା

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ପୌରାଂଚଳର ଦିଲାରପୁର ଠାରେ ରହୁଥିବା ପଶ୍ଚିମବଙ୍ଗର ୬୦ଜଣ ଶ୍ରମିକ ମଙ୍ଗଳବାର ନିଜ ଘରକୁ ଫେରି ଯାଇଛନ୍ତ। କରୋନା କଟକଣା ସମୟରେ ଲକଉାଡନ ଓ ସଟ୍ ଡାଉନ ଚାଲିଥିବା ବେଳେ ବିଭିନ୍ନ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାରୁ ଏହି ଶ୍ରମିକ ମାନେ କାମ ଅଭାବରୁ ନିଜ ଗାଁକୁ ଫେରିବାକୁ ମନସ୍ଥ କରିଥିଲେ। ତେବେ କରୋନା ସଂକ୍ରମଣ ଜନିତ ପରୀକ୍ଷା କରାଇବା ପରେ ସମସ୍ତ ଶ୍ରମିକଙ୍କର ନେଗେଟିଭ ରିପୋର୍ଟ ଆସିଥିଲା। ପଶ୍ଚିମବଙ୍ଗର ଏକ ସ୍ୱତନ୍ତ୍ର ବସ ଯୋଗେ ଏହି ଶ୍ରମିକ ମାନେ ପଶ୍ଚିମବଙ୍ଗ ଫେରି ଯାଇଥିବା ଜଣାପଡିଛି।

କୋଭିଡ ସମ୍ପର୍କିତ ସୂଚନା ପାଇଁ ହେଲ୍ପଲାଇନ ନମ୍ବର ଜାରି କଲା ପ୍ରଶାସନ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ ଫୁଲବାଣୀଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା କୋଭିଡ ହସପିଟାଲରେ କୋଭିଡ ସଂକ୍ରମିତଙ୍କୁ ଚିକିତ୍ସା ପାଇଁ ଭର୍ତି କରାଯାଇ ଚିକିତ୍ସା ପ୍ରଦାନ କରାଯାଉଛି । ତେବେ ସେମାନଙ୍କ ଭଲମନ୍ଦ ବିଷୟରେ ଜାଣିବାକୁ ସେମାନଙ୍କର ପରିବାର ଲୋକଙ୍କ ସୁବିଧା ପାଇଁ ତଥା ଅନ୍ୟ କୌଣସି କୋଭିଡ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ହେଲ୍ପଲାଇନ ନମ୍ବର ସବୁ ଜାରି କରାଯାଇଛି। ଏହାସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଅସ୍ଥାୟୀ କୋଭିଡକେୟାର ସେଣ୍ଟର ଗୁଡିକରେ ରହିଥିବା ସଂକ୍ରମିତଙ୍କ ପାଇଁ ମଧ୍ୟ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରିଛି ଜିଲ୍ଲା ପ୍ରଶାସନ । ଏହି ସୂଚନା ଆଜି କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଟ୍ୱିଟ ଜରିଆରେ ପ୍ରଦାନ କରିଛନ୍ତି। ଏଥିରେ ଜିଲ୍ଲା ମୁଖ୍ୟାଳୟ ଫୁଲବାଣୀରେ ଥିବା କୋଭିଡ ହସପିଟାଲର ସୂଚନା ଜାଣିବାକୁ ଟୋଲଫ୍ରି ନମ୍ବର ସମେତ ମୋବାଇଲ ନମ୍ବର ମଧ୍ୟ ପ୍ରଦାନ କରାଯାଇଛି । ଏହାସହିତ କୌଣସି ଜରୁରୀ କାଳୀନ ସହାୟତା ପାଇଁ ଜିଲ୍ଲା ପୋଲିସକୁ ଯୋଗାଯାଗ କରିବାକୁ ଜିଲ୍ଲା ପୋଲିସ ମୁଖ୍ୟାଳୟ ସମେତ ଜିଲ୍ଲାର ପୋଲିସ ଉଚ୍ଚ ପଦାଧିକାରୀ ମାନଙ୍କ ଏବଂ ସମସ୍ତ ଥାନା ଅଧିକାରୀ ମାନଙ୍କର ନମ୍ବର ମଧ୍ୟ ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ଜିଲ୍ଲା ପୋଲିସ ବିଭାଗ ତରଫରୁ ଜାରି କରାଯାଇଛି । ଏହି ସୂଚନା ମଧ୍ୟ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଭିନିତ ଅଗ୍ରୱାଲ ଟ୍ୱିଟ୍ ଜରିଆରେ ସୂଚନା ଦେଇଛନ୍ତି। ଜିଲ୍ଲା ପ୍ରଶାସନ ଫୁଲବାଣୀ ସ୍ଥିତ ଅନ୍ୱେଷା ହଷ୍ଟେଲ,ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ରାଇକିଆ,ବାଲିଗୁଡା ବଡଗାଁ ସରକାରୀ ଆବାସିକ ବିଦ୍ୟାଳୟ, ଦାରିଙ୍ଗବାଡି ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ,ଟିକାବାଲି ଅନ୍ୱେଷା ହଷ୍ଟେଲ ଏବଂ ତୁମୁଡିବନ୍ଧ ସରକାରୀ ବାଳିକା ବିଦ୍ୟାଳୟରେ ଖୋଲାଯାଇଥିବା ଅସ୍ଥାୟୀ କୋଭିଡକେୟାର ସେଣ୍ଟର ଗୁଡିକରେ ଚିକିତ୍ସାଧିନ ଅବସ୍ଥାରେ ଥିବା ସଂକ୍ରମିତ ମାନଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବରେ ହେଲ୍ପଲାଇନ ନମ୍ବର ସବୁ ଜାରି କରିଛି। ଏହାସହିତ ଏକ ଟୋଲଫ୍ରି ନମ୍ବର ୧୦୭୭ ତଥା ଏକ ଲ୍ୟାଣ୍ଡଲାଇନ ନମ୍ବର ୦୬୮୪୨-୨୫୩୬୫୦ ମାଧ୍ୟମରେ କୋଭିଡ ସମ୍ପର୍କିତ ସମସ୍ତ ତଥ୍ୟ ଜାଣିବାକୁ ଲୋକଙ୍କ ସୁବିଧା ପାଇଁ ଜାରି କରାଯାଇଛି।

ମୟୂରଭଞ୍ଜ ଜିଲ୍ଲାରୁ ନୂଆ ୧୯୯ କରୋନା ପଜିଟିଭ ଚିହ୍ନଟ

ବାରିପଦା: ମୟୂରଭଞ୍ଜ ଜିଲ୍ଲାରେ କୋଭିଡ଼-୧୯ର ଦ୍ୱିତୀୟ ଲହର ଜିଲ୍ଲାରେ ଉପର ମୁହାଁ ହେବାରେ ଲାଗିଛି । ଆଜି ଓଡ଼ିଶାରୁ ଚିହ୍ନଟ ହୋଇଥିବା ୮,୦୧୫ କରୋନା ପଜିଟିଭ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ୧୯୯ ଜଣ କୋଭିଡ଼-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଛନ୍ତି ଏବଂ ଜିଲ୍ଲାରେ ଆକ୍ରାନ୍ତମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୭,୪୮୫ରେ ପହଂଚିଛି । ସେହିପରି ମଇ ୧ ପର୍ଯ୍ୟନ୍ତ ଜିଲ୍ଲାରୁ ୧୫,୫୨୮ ଜଣ ସୁସ୍ଥ ହୋଇ ଫେରିଥିବା ସମୟରେ ଆଜି ସୁଦ୍ଧା ୧,୮୬୪ ଜଣ ସକ୍ରିୟ ଥାଇ ହୋମ ଆଇସୋଲେସନ, କୋଭିଡ଼ କେୟାର ସେଂଟର, କୋଭିଡ଼ ହସପିଟାଲ, ଟିଏମସି ସେଂଟର, ବାରିପଦା ପିଆରଏମ ମେଡ଼ିକାଲ ସ୍ଥିତ ସ୍ୱତନ୍ତ୍ର ୱାର୍ଡ଼ ଓ କଟକ-ଭୁବନେଶ୍ୱର ଆଦିରେ ଚିକିତ୍ସିତ ହେଉଛନ୍ତି ଏବଂ ଅଦ୍ୟାବଧି କୋଭିଡ଼-୧୯ ଭୂତାଣୁରେ ଆକ୍ରାନ୍ତ ଥାଇ ଚିକିତ୍ସାଧୀନ ଅବସ୍ଥାରେ ମୋଟ୍ ୯୩ ଜଣଙ୍କର ମୃତ୍ୟୁ ହୋଇଥିବାର ଜଣାପଡ଼ିଛି ।

ପ୍ରକାଶ ଥାଉକି, ଗତ ୨୦୨୦ ସେପ୍ଟେମ୍ବର ମାସରେ ଜିଲ୍ଲାରୁ ସର୍ବାଧିକ ୪,୬୧୫ ଜଣ ପଜିଟିଭ ଓ ଅକ୍ଟୋବର ମାସରେ ଦ୍ୱିତୀୟ ସର୍ବାଧିକ ଭାବେ ୩,୨୭୫ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଏପ୍ରିଲ ମାସରେ ତୃତୀୟ ସର୍ବାଧିକ ଭାବେ ୨୬୧୧ ପଜିଟିଭ ଚିହ୍ନଟ ହୋଇଛନ୍ତି ।

ମାଟି ସାମଗ୍ରୀ ଓ ଟେରାକୋଟାର ଗାଁ ଡ୍ରିସାଲିଆ, କରୋନା ଭାଙ୍ଗି ଦେଇଛି କାରିଗରଙ୍କ ଅଂଟା, ବିକ୍ରୀ ନହୋଇ ପଡ଼ି ରହିଛି ଉତ୍ପାଦିତ ସାମଗ୍ରୀ, ଚିନ୍ତାରେ କୁମ୍ଭକାର ପରିବାର, ସରକାରୀ ସହାୟତା ଦାବୀ

ବାରିପଦା-ଜଳିବ ଚୁଲା-ପାକାଦାପ୍ୟ, ଭୁବନେଶ୍ୱର-ନୟାଗଡ ଟାଉନ ସ୍ପେଶାଲ ଟ୍ରେନ

ଭଦ୍ରକ: ଆଧୁନିକ ସମାଜରେ ଲୋକମାନେ ମାଟି ସାମଗ୍ରୀ ବ୍ୟବହାରକୁ ନାପସନ୍ଦ କରି ଷ୍ଟିଲ ଓ ଫାଇବରକୁ ଆପଣାଉଛନ୍ତି। ପୁରାତନକାଳରେ ଆଦିମ ମଣିଷମାନେ ମାଟି ସାମଗ୍ରୀ ଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିଲେ ବୋଲି ଅନେକ ପ୍ରମାଣ ରହିଛି। ଗ୍ରୀଷ୍ମ ଦିନେ ମାଟି ସୁରେଇରେ ଥିବା ପାଣିକୁ ପିଇଲେ ଫ୍ରିଜ୍‌ରେ ଥିବା ପାଣିଠାରୁ ଅଧିକ ତୃଷ୍ଣା ମେଂଟାଏ। ମାଟିହାଣ୍ଡିରେ ପ୍ରସ୍ତୁତ ଭାତ ହେଉ ବା ମାଂସ ତରକାରୀ ଏହାର ସ୍ୱାଦୁ ନିଆରା। ଏକଥା ଆଧୁନିକ ସମାଜରେ ସମସ୍ତେ ଅଙ୍ଗେଅଙ୍ଗେ ଅନୁଭବ କରୁଥିଲେ ସୁଦ୍ଧା ମାଟିପାତ୍ରକୁ ହେୟଜ୍ଞାନ କରି ଚାଲୁଛନ୍ତି। ମାତ୍ର ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ମହାନ୍ତିପଡ଼ା ପଂଚାୟତ ତ୍ରୀସାଲିଆ ଗ୍ରାମବାସୀମାନେ ଆଜିବି ମାଟିରେ ପ୍ରସ୍ତୁତ ସାମଗ୍ରୀ ନିର୍ମାଣ କରି ପରିବାର ପ୍ରତିପୋଷଣ କରିବାରେ ସମର୍ଥ ହୋଇପାରିଛନ୍ତି। ଏଠାରୁ ଉତ୍ପାଦିତ ମାଟିପାତ୍ରର ଚାହିଦା କେବଳ ଏହି ଅ ଳର ନୁହେଁ ବରଂ ସମଗ୍ର ଜିଲ୍ଲାର ଅଧିକାଂଶ ଗୃହିଣୀଙ୍କ ଅଧିକ ପସନ୍ଦ। ମାଟିରେ ନିର୍ମିତ ହାଣ୍ଡି, କଳସି, ସୁରେଇ, ତାଉଆ, ପଲମ, ଘଡ଼ା, ଘରୋଇ ସାଜସଜ୍ଜା ସାମଗ୍ରୀ, ଦେବ ଉପାସନା ନିମନ୍ତେ ମାଟିଘୋଡ଼ା, ସରା, ଡ଼ିବି, ଝୁଣାଦାନୀ, ଦୀପ, ଢାଙ୍କୁଣୀ ଇତ୍ୟାଦି ଏଠାରେ ନିର୍ମିତ ହେଉଛି। ଏହି ସମାଗ୍ରୀ ଗୁଡ଼ିକ ପୂର୍ବରୁ ହାତରେ ହେଉଥିବା ବେଳେ ବର୍ତ୍ତମାନ କେତେକ ବିଦ୍ୟୁତ ଚାଳିତ ଯନ୍ତ୍ରରେ ନିର୍ମାଣ କରାଯାଉଛି। ଏହି ଯଂନ୍ତ୍ର ବ୍ୟବହାର ଦ୍ୱାରା ପ୍ରତିଦିନ ଅଧିକ ପରିମାଣରେ ସାମଗ୍ରୀ ଉତ୍ପାଦିତ ହୋଇ ପାରୁଛି। ଯାହାକି ଲୋକମାନଙ୍କ ମାନଙ୍କ ଚାହିଦା ମେ ାଇବାରେ ଏହି ଗ୍ରାମର କାରିଗରମାନେ ସଫଳ ହେଉଛନ୍ତି। ଗ୍ରାମରେ ପ୍ରାୟ ୮୦ ଗୋଟି କୁମ୍ଭକାର ପରିବାର ମଧ୍ୟରୁ ୫୦ଗୋଟି ପରିବାର ଅଧୁନା ଏହି କୌଳିକ ବୃତ୍ତିରେ ନିମଗ୍ନ ରହିଛନ୍ତି। ପୁରୁଷୋ ମ ମୁଦୁଲି, ଈଶ୍ୱର ମୁଦୁଲି, କୁମ ସାହୁ, ଜଳଧର ସାହୁ ପ୍ରମୁଖ ଏହି କାର୍ଯ୍ୟରେ ଅଗ୍ରଣୀ ଭୂମିକା ତୁଲାଇ ଆସୁଛନ୍ତି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ସ୍ତରରେ ବ୍ୟାଙ୍କ ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଏହାର ଫାଇଦା ମଧ୍ୟ ଏହି ଗ୍ରାମର ମହିଳାସଂଘ ମାନେ ନେବାକୁ ପଛାଉ ନାହାନ୍ତି। ଓଡ଼ିଶାରେ ପ୍ରସିଦ୍ଧ ଓ ଆକର୍ଷଣୀୟ ଟେରାକୋଟା କାର୍ଯ୍ୟ ମଧ୍ୟ ଏଠାରେ ପ୍ରସ୍ତୁତ କରାଯାଉଛି। ମହିଳାମାନେ ବିଭିନ୍ନ କାରୁକାର୍ଯ୍ୟ ସମ୍ବଳିତ ମୂର୍ତ୍ତି ତଥା ଘରୋଇ ସାଜସଜ୍ଜା ପଦାର୍ଥ ନିର୍ମାଣ କରି ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ମସିହାରେ 'ସ୍ଥାନୀୟ ଅଙ୍ଗନୱାଡ଼ୀ କର୍ମୀ ସୁଜଳା ରଣାଙ୍କ ପ୍ରଚେଷ୍ଟାରେ ଏହି ଟେରାକୋଟା କାର୍ଯ୍ୟ ଆରମ୍ଭ ହୋଇଥିଲା। ମା ଘ ବାସୁଳୀ ଓ ମା ଜଗଦମ୍ବା ମହିଳାସଂଘ ଏହି କାର୍ଯ୍ୟ ନିଜସ୍ୱ ଜ୍ଞାନ କୌଶଳରେ ଆରମ୍ଭ କରିଥିଲେ। ୨୦୧୪ ମସିହାରେ ଡ଼ିଆଇସି ପକ୍ଷରୁ ମହିଳାମାନଙ୍କୁ ତାଲିମ ଦିଆଯାଇ ଲୋକଙ୍କ ପସନ୍ଦ ମୁତାବକ ସାମଗ୍

ମୋ ସହର

ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ କେନ୍ଦ୍ରମନ୍ତ୍ରୀ

ନିର୍ମାଣାଧୀନ ୧ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲର ସମୀକ୍ଷା କଲେ ଧର୍ମେନ୍ଦ୍ର ପ୍ରଧାନ

ମଧ୍ୟପ୍ରଦେଶ: ଦୁଇଦିନିଆ ମଧ୍ୟପ୍ରଦେଶ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ଚୌହ୍ୱାନଙ୍କ ସହ ବିପିସିଏଲର ବୀନା ରିଫାଇନାରୀ ନିକଟରେ ଡ଼ିଆରଡ଼ିଓ ସହଯୋଗରେ ନିର୍ମାଣାଧୀନ ଅସ୍ଥାୟୀ ୧ ହଜାର ଶଯ୍ୟା ବିଶିଷ୍ଟ ବୃହତ କୋଭିଡ୍ ହସ୍ପିଟାଲକୁ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି । ଖୁବ ଶୀଘ୍ର ହସ୍ପିଟାଲର କାର୍ଯ୍ୟକ୍ଷମ ଏବଂ ହସ୍ପିଟାଲରେ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ, ବୀନା ରିଫାଇନାରୀ, ଜିଲ୍ଲା ପ୍ରଶାସନ ଓ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ସମୀକ୍ଷା କରିଛନ୍ତି । ସେହିପରି କରୋନା ମହାମାରୀର ମୁକାବିଲା କରିବା ନେଇ ମଧ୍ୟପ୍ରଦେଶରେ ନିଆଯାଉଥିବା ପଦକ୍ଷେପ ଉପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଓ ଭାରତ ଓମାନ ରିଫାଇନାରୀ ଲିମିଟେଡର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ । ସେ କହିଛନ୍ତି କୋଭିଡ୍-୧୯ ମହାମାରୀକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ଏହି ଅସ୍ଥାୟୀ କୋଭିଡ୍ ହସ୍ପିଟାଲକୁ ସହଯୋଗ କରବା ପାଇଁ ବୀନା ରିଫାଇନାରୀ ପ୍ରତିଶ୍ରୁତିବଦ୍ଧ । ପ୍ରତିଦିନ ବୀନା ରିଫାଇନାରୀରୁ ତିଆରି ହେଉଥିବା ଦୈନିକ ୧୦ ଟନ୍ ଗ୍ୟାସୀୟସ ଅକ୍ସିଜେନ୍ ଏବଂ ୪ ଲକ୍ଷ ଲିଟର ପାଣି ଏହି କୋଭିଡ୍ ହସ୍ପିଟାଲକୁ ଯୋଗାଯିବ । ଏହି ୧ ହଜାର ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ବର୍ତମାନର ସଂକଟ ସମୟରେ ମଧ୍ୟପ୍ରଦେଶର ସାଗର, ଭିଦିଶା, ଅଶୋକନଗର, ଗୁଣା ଏବଂ ଆଖପାଖ ଅଂଚଳକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପହଁଚିପାରିବ । ଭାରତ ଓମାନ ରିଫାଇନାରୀ ଲିମିଟେଡ୍ ଏହି କୋଭିଡ୍ ହସ୍ପିଟାଲକୁ ନିରନ୍ତର ମେଡ଼ିକାଲ ଅକ୍ସିଜେନ୍ ଯୋଗାଇବା ସହ କୋଭିଡ୍-୧୯ ମୁକାବିଲାକୁ ଅଧିକ ମଜବୁତ୍ କରିବାରେ ସବୁପ୍ରକାର ପଦକ୍ଷେପ ନେବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ମେଡ଼ିକାଲ ଅକ୍ସିଜେନ ଉପଲବ୍ଧିକୁ ବଢ଼ାଇବା ପାଇଁ ଭାରତ ସରକାର ନିରନ୍ତର ଉଦ୍ୟମ କରୁଛନ୍ତି । ମଧ୍ୟପ୍ରଦେଶ ସରକାର ଏବଂ ବୀନା ରିଫାଇନାରୀ ଆଗାମୀ ଦିନରେ ଦୈନିକ ୩୦୦୦ ବଟୋଲର ବୃହତ ସାଇଜ୍‌ର ଅକ୍ସିଜେନ୍ ତଥା ପାଖାପାଖି ୨୫ ମେଟ୍ରିକ ଟନର ସ୍ଥାୟୀ ମେଡିକାଲ ଅକ୍ସିଜେନ ଉତ୍ପାଦନର ବ୍ୟବସ୍ଥା କରାଯାଉଛି । ଏହା ମଧ୍ୟପ୍ରଦେଶର ସ୍ୱାସ୍ଥ୍ୟ ଇକୋସିଷ୍ଟମକୁ ସୁଦୃଢ କରିବ । ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ(ପିଏସୟୁ) ଗୁଡ଼ିକ ରାଜ୍ୟ ସରକାର ତଥା ସ୍ଥାନୀୟ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ସ୍ଥାପନ କରି ଦେଶରେ ସ୍ୱାସ୍ଥ୍ୟ ଏବଂ କ୍ରିଟିକାଲ କେୟାର ଭିତିଭୂମି ପ୍ରତିଷ୍ଠା କରିବାରେ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଏହି ଜରୁରୀକାଳୀନ ସମୟରେ ଭାରତ ସରକାର ଓ ମଧ୍ୟପ୍ରଦେଶ ସରକାର ସବୁଠି ଅକ୍ସିଜେନ୍ ବେଡ୍ ଉପଲବ୍ଧି କରାଇବା ପାଇଁ ଉଦ୍ୟମ ଜାରୀ ରଖିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

ରଘୁନାଥ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା - ଧର୍ମେନ୍ଦ୍ର ପ୍ରଧାନ

ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ରଘୁନାଥ ମହାପାତ୍ର ଓଡ଼ିଶାକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ସମ୍ମାନିତ କରିଥିଲେ

ଭୁବନେଶ୍ୱର: ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱର୍ଗତ ମହାପାତ୍ରଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଅନ୍ତରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାକୁ ସମ୍ମାନିତ କରିଥିବା ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ, ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା ନିବିଡ଼ ।

ଜଣେ ଲବ୍ଧ ପ୍ରତିଷ୍ଠିତ ଶିଳ୍ପୀ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ପଥରରେ ନିଖୁଣ କାରୁକାର୍ଯ୍ୟ ମାଧ୍ୟମରେ ଓଡ଼ିଶାର ଉତ୍କୃଷ୍ଟ କଳା ଓ ସଂସ୍କୃତିକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଗୌରବାନ୍ୱିତ କରିଥିଲେ । ତାଙ୍କ ନିଧନରେ ଓଡ଼ିଶାରେ ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ତିଆରି ହେଲା । ଶୋକସନ୍ତପ୍ତ ପରିବାର ବର୍ଗକୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରିବାର ସଦସ୍ୟଙ୍କୁ ଅସୀମ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ।

ଫୁଲବାଣୀ କୋଭିଡ୍ ହସପିଟାଲରେ ଯୋଗାଯୋଗ ପାଇଁ ହେଲ୍ପଡେସ୍କ ଖୋଲିଲା

କନ୍ଧମାଳ: କନ୍ଧମାଳ ଜିଲ୍ଲା ସମେତ ଫୁଲବାଣୀରେ କରୋନା ସଂକ୍ରମଣ ଦିନକୁ ଦିନ ଦ୍ରୁତଗତିରେ ବଢିବାରେ ଲାଗିଛି । ସୋମବାର ଦିନ ଜିଲ୍ଲାର ବିଭିନ୍ନ ଅଂଚଳରୁ ୭୭ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳର ସର୍ବାଧିକ ୧୪ ଜଣଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଜିଲ୍ଲାର ବାଲିଗୁଡା ବିଜ୍ଞାପିତ ଅଂଚଳର ୧୦ ଜଣ, ଘୁ.ଉଦୟଗିରିର ୫, ଦାରିଙ୍ଗବାଡିର ୨, ରାଇକିଆର ୧୦, କୋଟଗଡ ଅଂଚଳର ୫, କ.ନୂଆଗାଁର ୮, ତୁମୁଡିବନ୍ଧର ୩ ଜଣ, ଖଜୁରିପଡାର ୫ ଜଣ, ଚକାପାଦର ୬, ରାଇକିଆ ଏବଂ ଟିକାବାଲି ଆଂଚଳର ୮ ଜଣ ଲେଖାଏଁ ରହିଥିବାବେଳେ ଜିଲ୍ଲା ବାହାରେ ଜଣେ ଚିହ୍ନଟ ହୋଇଥିବା ନେଇ ଜିଲ୍ଲା ପ୍ରସାସନ ତରଫରୁ ସୂଚନା ପ୍ରଦାନ କରାଯାଇଛି । ତେବେ ଆଜିର ସଂକ୍ରମିତ ମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬,୭୫୬ ରେ ପହଂଚିଛି । ସୁସ୍ଥ ହୋଇ ଘରକୁ ଫେରିଥିବା ସଂକ୍ରମିତଙ୍କ ସଂଖ୍ୟା ୬,୨୨୨ ହୋଇଥିବାବେଳେ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଛି । ତେବେ ଜିଲ୍ଲାର ବିଭିନ୍ନ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୪୯୯ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି । କୋଭିଡ ହସପିଟାଲରେ ଥିବା ସଂକ୍ରମିତଙ୍କ ପରିବାର ଲୋକଙ୍କ ଯୋଗାଯୋଗ ପାଇଁ ହସପିଟାଲର ହେଲ୍ପଡେସ୍କ ଖୋଲାଯାଇ ଏକ ମୋବାଇଲ ନମ୍ବର(୯୪୩୯୭୫୪୫୭୩) ଜାରୀ କରାଯାଇଛି । ସଂକ୍ରମଣରୁ ରକ୍ଷା ପାଇବାପାଇଁ ଲୋକଙ୍କୁ ବାହାରକୁ ବାହାରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ବାରଣ କରାଯାଇଛି । ଜରୁରୀ କାମରେ ବାହାରକୁ ଗଲାବେଳେ ମସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ବଜାୟ ରଖିବା ଏବଂ ନିୟମିତ ବ୍ୟବଧାନରେ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି ।

ଟ୍ୱିନସିଟିରେ ବିନା ମୂଲ୍ୟରେ ଭିଟାମିନ ଟାବଲେଟ ବାଂଟିବ କଂଗ୍ରେସ

ଭୁବନେଶ୍ୱର: କରୋନା ମହାମାରୀର ଦ୍ୱିତୀୟ ଲହରରେ ସମଗ୍ର ରାଜ୍ୟରେ ସଂକ୍ରମଣର ହାର ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ସେହିପରି ଭୁବନେଶ୍ୱର- କଟକରେ ମଧ୍ୟ ସଂକ୍ରମଣ ହାର ବଢ଼ି ଏକ ଭୟାନକ ପରିସ୍ଥିତି ସୃଷ୍ଟି କଲାଣି । ଏହି ଘଡ଼ିସନ୍ଧି ମୂହୂର୍ତ୍ତରେ କୋଭିଡ ଆକ୍ରାନ୍ତଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ରଞ୍ଜନ ଚୌଧୁରୀ ଓ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ପକ୍ଷରୁ ଦୈତ୍ୟ ଜିଲ୍ଲା କଂଗ୍ରେସ ମାଧ୍ୟମରେ ନିଶୁଳ୍କ ଭିଟାମିନ ଟ୍ୟାବଲେଟ ବଂଟନ କରାଯିବ ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି କୋଭିଡ କଂଟ୍ରୋଲରୁମର ସଦସ୍ୟ ତଥା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କୋଭିଡ କଂଟ୍ରୋଲରୁମ ଇନଚାର୍ଜ ସୁବ୍ରତ ମହାପାତ୍ର କହିଥିଲେ । ଏହି କୋଭିଡ ମହାମାରୀ ସମୟରେ କଂଗ୍ରେସ ଦଳ କୋଭିଡ କଂଟ୍ରୋଲ ରୁମ ଜରିଆରେ ସାଧାରଣ ଲୋକଙ୍କୁ ସେବା, ସହଯୋଗ ଓ ସୂଚନା ଯୋଗାଇ ଦେଉଥିବା ବେଳେ, ଭୁବନେଶ୍ୱର ଓ କଟକ ମ୍ୟୁନିସିପାଲଟି ଏରିଆରେ ହୋମ କ୍ୱାରେନଣ୍ଟାଇନରେ ଥିବା କୋଭିଡ ଆକ୍ରାନ୍ତକୁ ବିନାମୂଲ୍ୟରେ ଭିଟାମିନ ଟାବଲେଟ ଯୋଗାଇ ଦିଆଯିବ । ଏହି ମେଡିସିନ ବଂଟନ ପ୍ରକ୍ରିୟା ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସହଯୋଗରେ କରାଯିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।

ସେହିପରି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନଓ୍ୱାଜ କହିଥିଲେ କୋଭିଡ ପରିସ୍ଥିତି ପରିଚାଳନାରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ବିଫଳ, ରୋଗୀଙ୍କ ପାଇଁ ନା ଅକ୍ସିଜେନ ଯୋଗାଣ ଠିକ ରୂପେ ହୋଇପାରୁଛି ନା ହସପିଟାଲରେ ପର୍ଯ୍ୟାପ୍ତ ପରିମାଣରେ ବେଡ ଉପଲବ୍ଧ ହେଉଛି । ସାଧାରଣ ଲୋକ ନାହିଁ ନଥିବା ସମସ୍ୟାର ସମୁଖିନ ହେଉଛନ୍ତି । ଛାତ୍ର କଂଗ୍ରେସ ନିଜସ୍ୱ ଉଦ୍ୟମରେ ଲୋକଙ୍କ ପାଖକୁ ରାସନ, ଅତ୍ୟାବଶକୀୟ ସାମଗ୍ରୀ ପହଂଚାଇବା ସହ କୋଭିଡ ଆକ୍ରାନ୍ତଙ୍କ ବିଭିନ୍ନ ସମସ୍ୟା ନେଇ ସାହାଯ୍ୟ ଓ ସହଯୋଗ କରୁଛି । ଏହି ଭିଟାମିନ ବଂଟନ ପ୍ରକ୍ରିୟା ଛାତ୍ର କଂଗ୍ରେସ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର କର୍ମକର୍ତାଙ୍କ ମାଧ୍ୟମରେ ସୂଚାରୂରୂପେ ସମ୍ପାଦନ କରାଯିବ । ହୋମ କ୍ୱାରାନଣ୍ଟାଇନରେ ଥିବା ବ୍ୟକ୍ତି ଟୋଲଫ୍ରି କିମ୍ବା ହ୍ୱାଟସଆପ ନମ୍ବରରେ ଯୋଗାଯୋଗ କଲେ ସେମାନଙ୍କ ପାଇଁ ଭଲେଣ୍ଟିୟରଙ୍କ ଜରିଆରେ ମେଡିସିନ ପହଂଚାଇ ଦିଆଯିବ ।

ଶିକ୍ଷକମାନଙ୍କୁ କୋଭିଡ଼ ଯୋଦ୍ଧା ଘୋଷଣା କରିବାକୁ ଦାବି

ଭୁବନେଶ୍ୱର: ବିଶ୍ୱ ମହାମାରୀ କରୋନା ସମସ୍ତଙ୍କୁ କବଳିତ କରିଥିବା ବେଳେ କରୋନାକୁ ହରାଇବା ପାଇଁ ଡ଼ାକ୍ତର, ଶିକ୍ଷକ, ନର୍ସ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ପୋଲିସ୍, ସାମ୍ବାଦିକ ଏହି ଯୁଦ୍ଧରେ ସାମିଲ୍ ଅଛନ୍ତି । ଏହି ସମସ୍ତ କର୍ମଚାରୀମାନଙ୍କୁ ସରକାର କରୋନା ଯୋଦ୍ଧା ଘୋଷଣା କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବି କରିଛି ପ୍ରାଥମିକ ଶିକ୍ଷକ ସଂଘ । ଏଥିସହ ଟୀକାରକରଣ ବେଳେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଗ୍ରାଧିକାର ଦେବାକୁ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା ଦାବି କରିଛନ୍ତି ।

ସେ କହିଛନ୍ତି ଯେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରେଳ ଷ୍ଟେସନରେ ପ୍ରବାସୀମାନଙ୍କ ପଞ୍ଜିକରଣ ଓ ସ୍କ୍ରିନିଙ୍ଗ, ରାଜ୍ୟର ସୀମା ଜଗିବା, କୋଭିଡ୍ କେୟାର ସେଂଟର ଓ ପ୍ରତ୍ୟେକ ଗାଁରେ ଥିବା କ୍ୱାରେଂଟାଇନ ସେଂଟର ଜଗିବା, ଗାଁ ରେ କରୋନା ସଚେତନତା ସୃଷ୍ଟି କରିବା, କରୋନା ରୋଗୀଙ୍କୁ ଔଷଧ ବଂଟନ, ଖାଉଟି ସାମଗ୍ରୀ ବଂଟନ କରିବା ଓ ଶବଦାହ କାର୍ଯ୍ୟରେ କରୋନା ଆରମ୍ଭ ଦିନଠାରୁ ନିୟୋଜିତ ଅଛନ୍ତି । ଏଥିସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପୋଷାକ, ମଧ୍ୟାହ୍ନ ଭୋଜନ ସାମଗ୍ରୀ ବଂଟନ, ଔଷଧ, ବହି, ନାପକିନ ଓ ଟଙ୍କା ବଂଟନ ଆଦି କାର୍ଯ୍ୟ ସଠିକ୍ ଭାବରେ କରୁଛନ୍ତି । ଏହିସବୁ କାର୍ଯ୍ୟ କରିବା ଦ୍ୱାରା ସେମାନଙ୍କୁ ସଂକ୍ରମଣ ହେଉଛି ଓ ଦୈନିକ ୧୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କ ମୃତ୍ୟୁ ଘଟୁଛି । ସଂକ୍ରମଣ ହେଉଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ମାସ୍କ, ସାନିଟାଇଜର, ପିପିଇ କିଟ୍, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ସରକାର ଯୋଗାଇ ଦେଉନାହାଁନ୍ତି କିମ୍ବା ଟୀକାକରଣ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଗ୍ରାଧିକାର ଦିଆଯାଉ ନାହିଁ । ଶିକ୍ଷକମାନେ ସମାଜ ଗଠନର ମୁଖ୍ୟ ସ୍ରୋତ ହୋଇଥିବାରୁ ସେମାନଙ୍କୁ ତୁରନ୍ତ କରୋନା ଯୋଦ୍ଧା ଘୋଷଣା କରିବା ସହିତ କରୋନା ଟୀକା ଦେବା ପାଇଁ ଅଗ୍ରାଧିକାର ଦିଆଯାଉ ବୋଲି ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଦାବି କରିଛନ୍ତି ।

ଇଶ୍ୱରପୁର ସେବା ସମବାୟ ସମିତିରେ ଦୁର୍ନୀତି ଅଭିଯୋଗ

ବାଲେଶ୍ୱର: ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଇଶ୍ୱରପୁର ସେବା ସମବାୟ ସମିତିରେ ବେଆଇନ ଭାବରେ ଋଣ କରାଇ ଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଛି । ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ନାମରେ ଏଭଳି ଅଭିଯୋଗ ଆସିଥିବା ବେଳେ ଭିଜିଲାନ୍ସ ତଦନ୍ତ ପାଇଁ ଅ□ଳବାସୀ ଦାବୀ କରିଛନ୍ତି । ସୂଚନା ଯୋଗ୍ୟ ଯେ ୨୦୧୮ ମସିହାରେ ଇଶ୍ୱରପୁର ସେବା ସମବାୟ ସମିତିର ସଭାପତି ସମ୍ପାଦକ ଦାୟିତ୍ୱରେ ଥିଲେ ଭାଗବତ ଖିଲାର ଓ ଅଶୋକ କୁମାର ଜେନା । ସେମାନେ ବେଆଇନ ଋଣ ମଞ୍ଜୁର କରାଇ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଭୂମିହୀନଙ୍କୁ ଋଣ ଦେବାର ନିୟମ ରହିଛି, ହେଲେ ବହୁ ଧନୀ ଶ୍ରେଣୀର ଲୋକଙ୍କୁ ଭୂମିହୀନ ଦର୍ଶାଇ ଋଣ ଦିଆଯାଇଛି । ଗତ ୨୪ ତାରିଖରେ ଅ□ଳବାସୀ ଏ ବାବଦରେ ଜିଲ୍ଲାପାଳଙ୍କୁ ଜଣାଇବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ । ବିଭାଗୀୟ ଉଚ୍ଚ କ□ପକ୍ଷ ଏହାର ତଦନ୍ତ ଭାର ଏଆରସିଏସ ଲକ୍ଷ୍ମୀଧର ରାଉତଙ୍କୁ ଦେଇଥିଲେ । ଏହି ଘଟଣାର ନିରପେକ୍ଷ ତଦନ୍ତ ହେବା ସହିତ ଭିଜିଲାନ୍ସ ବିଭାଗ ଖୋଳତାଡ଼ କରିବାକୁ ଇଶ୍ୱରପୁର ସେବା ସମବାୟ ସମିତିର ପୂର୍ବତନ ସଭାପତି ପ୍ରଫୁଲ୍ଲ ପାଣିଗ୍ରାହି, ପୂର୍ବତନ ନିର୍ଦ୍ଦେଶକ ଶଚିନ୍ଦ୍ର ସାହୁ, ଶୁକାନ୍ତ ପାଣିଗ୍ରାହି, ପ୍ରଶନ୍ନ ପଲେଇ, ରାମଚନ୍ଦ୍ର ମଲ୍ଲିକ, ଯନାର୍ଦ୍ଦନ ମହାପାତ୍ର, ଦିବାକର ବିଶ୍ୱାଳ ପ୍ରମୁଖ ବହୁ ହିତାଧିକାରୀ ଓ ଗ୍ରାମବାସୀ ଦାବି କରିଛନ୍ତି ।

ଦୁଇ ଯୋଡ଼ା ଏକ୍ସପ୍ରେସ ବିଶେଷ ଟ୍ରେନ ବାତିଲ୍

ଭୁବନେଶ୍ୱର: କମ ପୁଷ୍ପପୋଷକତା ଏବଂ କୋଭିଡ୧୯ ସଂକ୍ରମଣ ବୃଦ୍ଧିର ଶୃଙ୍ଖଳାକୁ ଭାଙ୍ଗିବାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଆହୁରି ଦୁଇ ଯୋଡ଼ା ବିଶେଷ ଏକ୍ସପ୍ରେସ ଟ୍ରେନକୁ ଉଭୟ ପାର୍ଶ୍ୱରୁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି । ୦୮୪୯୩/୦୮୪୯୪ ଭୁବନେଶ୍ୱର-ବାଲାଙ୍ଗୀର-ଭୁବନେଶ୍ୱର ସ୍ପେଶାଲ୍ ଉଭୟ ଦିଗରୁ ଚଳିତ ମାସ ୧୫,୧୬,୨୨ ଏବଂ ୨୩ ତାରିଖ ଦିନ ବାତିଲ୍ ରହିବ । ସେହିପରି ୦୮୫୬୧/୦୮୫୬୨ ବିଶାଖାପାଟନମ୍-କାଚେଗୁଡା-ବିଶାଖାପାଟନମ୍ ବିଶେଷ ଟ୍ରେନ ବିଶାଖାପାଟନମ୍ ଠାରୁ ୧୪ ମଇରୁ ୩୧ ମଇ ପର୍ଯ୍ୟନ୍ତ ଏବଂ କାଚେଗୁଡା ଠାରୁ ୧୫ ମଇରୁ ୧ ଜୁନ୍ ପର୍ଯ୍ୟନ୍ତ ବାତିଲ୍ ରହିବ । ଏହାପୂର୍ବରୁ ଚାରି ଯୋଡ଼ା ସ୍ପେଶାଲ ଏକ୍ସପ୍ରେସ ଟ୍ରେନକୁ ବାତିଲ କରିବାକୁ ଘୋଷଣା କରିସାରିଛି ।

କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି: ସମୀର ମହାନ୍ତି

ଭୁବନେଶ୍ୱର: ଖ୍ୟାତିସମ୍ପନ୍ନ ଭାସ୍କର୍ଯ୍ୟ ଶିଳ୍ପୀ ତଥା ରାଜ୍ୟସଭା ସାଂସଦ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି ଦୁଃଖ ପ୍ରକାଶ କରିଛନ୍ତି । ଗୋଟିଏ ଅଂଚଳ ବାସିନ୍ଦା ହୋଇଥିବାରୁ ସ୍ୱର୍ଗତଃ ମହାପାତ୍ରଙ୍କୁ ପିଲାଦିନରୁ ଭଲଭାବେ ଜାଣିଛି । ଜଣେ ବଡ ଭାଇ ଭଳି ସେ ଆମମାନଙ୍କୁ ସର୍ବଦା ଭଲ ଉପଦେଶ ଦେଇ ମାର୍ଗଦର୍ଶନ କରିଆସୁଥିଲେ । ନିଜ ନିଖୁଣ କାରୁକାର୍ଯ୍ୟ ଜରିଆରେ ପଥର ଦେହରେ ଜୀବନ ଆଣି ଦେଶ ତଥା ଆନ୍ତର୍ଜାତୀକ ସ୍ତରରେ ଓଡିଶାର ସୁନାମ ଆଣିଥିବା ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶ୍ରୀ ମହାନ୍ତି ଶୋକ ବ୍ୟକ୍ତ କରି କହିଛନ୍ତି। ଅମର ଆତ୍ମାର ସଦଗତି କାମନା କରିବା ସହ ଏଭଳି ଅସମୟରେ ଶୋକସନ୍ତପ ପରିବାରବର୍ଗ ଓ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ ପାଇଁ ଶ୍ରୀ ମହାନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟର

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ସ୍ୱରରାଜକ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Bhubaneswar Saturday May 15, 2021 | ଭୁବନେଶ୍ୱର ଶନିବାର, ମେ ୧୫,୨୦୨୧ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

କନ୍ଧମାଳ ଜିଲ୍ଲାରେ ନୂଆ ୧୩୪ କରୋନା ପଜିଟିଭ୍ ଚିହ୍ନଟ

କଟକଣା ସତ୍ତ୍ୱେ ବଢୁଛି ସଂକ୍ରମଣ

କନ୍ଧମାଳ: କନ୍ଧମାଳ ଜିଲ୍ଲାରେ କୋଭିଡ ସଂକ୍ରମଣକୁ ରୋକିବାକୁ ପ୍ରଶାସନ ତରଫରୁ ଯେତିକି ଅଧିକ କଟକଣା କରାଯାଉଛି ସଂକ୍ରମଣ ମଧ୍ୟ ଦିନକୁ ଦିନ ଅଧିକରୁ ଅଧିକ ବୃଦ୍ଧି ପାଇବାରେ ଲାଗିଛି । ମିଳିଥିବା ସୂଚନା ଅନୁସାରେ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୧୩୪ ଜଣ ନୂଆ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି । ଗତ ଦୁଇ ଦିନ ପୂର୍ବରୁ ଏହା ଶହେରୁ ତଳକୁ ରହିଥିଲା । ଲକଡାଉନ ସମୟରେ ବିଭିନ୍ନ କଟକଣା ସତ୍ତ୍ୱେ ସଂକ୍ରମଣ ଦ୍ରୁତ ଗତିରେ ବଢୁଥିବା ଏବଂ ସେହି ଅନୁପାତରେ ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥିବା ଜଣାପଡିଛି । ତେବେ ସରକାରୀ ଭାବେ ଏହି ସଂଖ୍ୟା କମ୍ ରହିଛି ।

ନୂଆ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରୁ ୧୬ ଜଣ ଓ ଗ୍ରାମାଂଚଳରୁ ୩ ଜଣଙ୍କୁ ମିଶାଇ ମୋଟ ୧୯ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳରୁ ୮ ଜଣ ଏବଂ ଗ୍ରାମାଂଚଳରୁ ୫ ଜଣଙ୍କୁ ମିଶାଇ ମୋଟ୍ ୧୩ ଜଣ,ଚକାପାଦର ୧୪ ଜଣ, ଦାରିଙ୍ଗବାଡିର ୧୭, ଘୁ.ଉଦୟଗିରିର ୮ ଜଣ, କ.ନୂଆଗାଁର ୫, ଖଜୁରିପଡାର ୩, ଫିରିଙ୍ଗିଆର ୧୧, ରାଇକିଆର ୧୪ ଜଣ, ଟିକାବାଲିର ୬ ଜଣ, ତୁମୁଡିବନ୍ଧର ୧୩ ଜଣ ଏବଂ କୋଟଗଡ ଅଂଚଳର ୬ ଜଣ ରହିଥିବା ବେଳେ ରାଜ୍ୟ ବାହାରେ ଜଣେ ସିଆରପିଏଫ ଯବାନ, କଳାହାଣ୍ଡି ଜିଲ୍ଲାରେ ଜଣେ ଏବଂ ଜିଲ୍ଲା ବାହାରେ ୩ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ମିଳିଥିବା ପ୍ରଶାସନିକ ସୂଚନା ଅନୁସାରେ ଜିଲ୍ଲାରେ ବର୍ତମାନ ସୁଦ୍ଧା ମୋଟ ସଂକ୍ରମିତଙ୍କ ସଂଖ୍ୟା ୭,୪୨୪ ରେ ପହଂଚିଛି । ସେମାନଙ୍କ ମଧ୍ୟରୁ ୬୬୧୮ ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବର୍ତମାନ ସୁଦ୍ଧା ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୫ ରହିଥିବା ନେଇ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ଜିଲ୍ଲାର ବିଭିନ୍ନ କୋଭିଡ ହସପିଟାଲ, କୋଭିଡ କେୟାର ସେଣ୍ଟର ଏବଂ ସଙ୍ଗରୋଧରେ ରହି ମୋଟ୍ ୭୭୧ ଜଣ ସଂକ୍ରମିତ ଚିକିତ୍ସିତ ହେଉଛନ୍ତି ।

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୨ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର: ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୨ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୨୭୩ ହୋଇ ଯାଇଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ କରୋନାରେ ଜୀବନ ହାରିଛନ୍ତି । ସେହିପରି ଅନୁଗୋଳରୁ ୩ଜଣ, କେନ୍ଦ୍ରାପଡା, ରାୟଗଡା, କଳାହାଣ୍ଡି ଓ ସୁନ୍ଦରଗଡରୁ ୨ ଜଣ ବୌଦ୍ଧ, ଦେବଗଡ, କଟକ, ଗଜପତି, ଗଞ୍ଜାମ, ବଲାଙ୍ଗୀର, କନ୍ଧମାଳରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି।

ଅନୁଗୁଳ ଜିଲ୍ଲାର ଜଣେ ୪୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଜଣେ ୨୪ ବର୍ଷୀୟ ପୁରୁଷ, ଜଣେ ୭୩ ବର୍ଷୀୟ ପୁରୁଷ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ଭୁବନେଶ୍ୱରର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।ସେହିପରି ଭୁବନେଶ୍ୱରର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବଲଙ୍ଗୀର ଜିଲ୍ଲାର ଜଣେ ୪୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ଓ ବୌଦ୍ଧ ଜିଲ୍ଲାର ଜଣେ ୫୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ ଜିଲ୍ଲାର ଜଣେ ୯୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ତଥା ଦେବଗଡ ଜିଲ୍ଲାର ଜଣେ ୫୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ସେହିପରି ଗଂଜାମ ଜିଲ୍ଲାର ଜଣେ ୭୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ଗଜପତି ଜିଲ୍ଲାର ଜଣେ ୪୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପ କ୍ଷରୁ ସୂଚନା ଦିଆ ଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଜଣେ ୫୯ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତ ତଥା ଏହି ଜିଲ୍ଲାର ଜଣେ ୬୫ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଓ ଏହି ଜିଲ୍ଲାର ଅନ୍ୟ ଜଣେ ୪୭ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି ।

କଳାହାଣ୍ଡି ଜିଲ୍ଲାର ଅନ୍ୟ ଜଣେ ୪୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଅନ୍ୟ ଜଣେ ୫୦ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

କନ୍ଧମାଳ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୪୯ ବର୍ଷୀୟ କରୋନା ଆକ୍ରାନ୍ତ ଓ ଅନ୍ୟ ଜଣେ ୩୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡର ଜଣେ ୭୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ତଥା ଜଣେ ୪୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ କରୋନା ପୀଡ଼ିତଙ୍କୁ ସେବା ଦେଇ ଶ୍ରଦ୍ଧାଞ୍ଜଳି ଦବ କଂଗ୍ରେସ

ଭୁବନେଶ୍ୱର: ଚଳିତ ମାସ ମେ ୨୧ ତାରିଖ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପଡୁଅଛି। କଂଗ୍ରେସ ଦଳ ତରଫରୁ ପ୍ରତିବର୍ଷ ଏହି ଦିନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। କିନ୍ତୁ ଚଳିତ ବର୍ଷ କରୋନା ମହାମାରୀ ସାରା ଭାରତର ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଜନସାଧାରଣ ନିଜ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। କଂଗ୍ରେସ ଦଳ ସର୍ବଦା କରୋନା ପୀଡ଼ିତଙ୍କୁ ଯଥାସମ୍ଭବ ସାହାଯ୍ୟ ଓ ସହଯୋଗ ଜାରି ରଖିଛି। ଏଆଇସିସିର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି ଚଳିତମାସ ୨୧ ତାରିଖ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସକୁ କରୋନା ପୀଡ଼ିତଙ୍କ ସେବା ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବା ନିଷ୍ପତି ନିଆଯାଇଛି ବୋଲି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

ତେଣୁ କରୋନା ପୀଡିତଙ୍କୁ ମାସ୍କ, ସାନିଟାଇଜର, ଔଷଧ, ଖାଦ୍ୟ ଓ ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇବା ସହ ସାଧାରଣ ଲୋକଙ୍କୁ କରୋନା ମହାମାରୀ ସଂପର୍କରେ ସଚେତନ କରିବାକୁ ପ୍ରତ୍ୟେକ ଜିଲ୍ଲା କଂଗ୍ରେସ କମିଟି ସଭାପତି, ପିସିସି ପର୍ଯ୍ୟବେକ୍ଷକ,ସାଂସଦ, ସାଂସଦ ପ୍ରାର୍ଥୀ, ବିଧାୟକ ଏବଂ ବିଧାୟକ ପ୍ରାର୍ଥୀ, ଛାମୁଆ ସଂଗଠନ, ପ୍ରକୋଷ୍ଠ ଓ ବିଭାଗର କର୍ମକର୍ତା ଏବଂ ବ୍ଲକ ଓ ନଗର କଂଗ୍ରେସ ସଭାପତି ମାନଙ୍କୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି।

ଏହାକୁ ଅତ୍ୟନ୍ତ ଗୁରୁତ୍ୱ ମନେ କରି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ଶ୍ରୀ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦିତ କରିପାରିଲେ ଏହି କରୋନା ବିପତି ସମୟରେ ଭାରତ ରତ୍ନ ରାଜୀବ ଗାନ୍ଧୀଙ୍କୁ ତାଙ୍କର ପୂଣ୍ୟ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ।

ସମସ୍ତେ ମାସ୍କ ପିନ୍ଧିବା ଜରୁରୀ

ଭୁବନେଶ୍ୱର: କରୋନା ଏବେ ବାୟୁ ଜରିଆରେ ବ୍ୟାପୁଛି। ଏଥିପାଇଁ ସମସ୍ତଙ୍କୁ ମାସ୍କ ପରିଧାନ କରିବା ନିହାତି ଜରୁରୀ। ହୋମ୍ ଆଇସୋଲେସନରେ ଥିବା ରୋଗୀ ମଧ୍ୟ ଡବଲ ଲେୟାର ଥିବା ମାସ୍କ ପିନ୍ଧିବା ଉଚିତ । ରୋଗୀଙ୍କ ସେବା କରୁଥିବା ବ୍ୟକ୍ତି ମଧ୍ୟ ଡବଲ ଲେୟାର ମାସ୍କ ପିନ୍ଧିବା ଦରକାର । କରୋନା ସମୟରେ କୌଣସି ବଡ଼ କାମ ନଥିଲେ ବାହାରକୁ ନଯାଆନ୍ତୁ ବୋଲି କଟକ ଏସସିବି ଆନାସ୍ଥେସିଆ ପ୍ରଫେସର ଡାକ୍ତର ନିବେଦିତା ପାଣି କହିଛନ୍ତି। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗର ସାମ୍ବାଦିକ ସମ୍ମିଳନୀରେ ବିଶେଷଜ୍ଞ ଡାକ୍ତର ପାଣି କହିଛନ୍ତି ଯେ ଘର ଭିତରୁ ବାହାରକୁ ନଯାଇ ମଧ୍ୟ ବୟସ୍କ ବ୍ୟକ୍ତି କରୋନା ସଂକ୍ରମଣର ଶିକାର ହେଉଛନ୍ତି। ଘରର ଅନ୍ୟ ଯୁବବର୍ଗ କୋଭିଡ-୧୯ ନିୟମ ପାଳନ କରୁ ନଥିବାରୁ ଏଭଳି ହୋଇପାରେ ବୋଲି ରାଜ୍ୟ ସରକାରଙ୍କ ବିଶେଷଜ୍ଞ ଡାକ୍ତର ଅନୁମାନ କରୁଛନ୍ତି। ତେଣୁ ସଂକ୍ରମଣକୁ ଏଡୋଇବାକୁ ହେଲେ ମାସ୍କ ପିନ୍ଧିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞ ଡାକ୍ତରଙ୍କ କହିବା ଅନୁସାରେ ଘରେ ଥିଲେ ବି ମାସ୍କ ପିନ୍ଧିବା, ସାମାଜିକ ଦୂରତା ରକ୍ଷା କରିବା ଓ ବାରମ୍ବାର ହାତ ଧୋଇବା। ବଜାରରେ ମିଳୁଥିବା ମୁଖ୍ୟତଃ ୩ ପ୍ରକାରର ମାସ୍କ (କଟନ, ସର୍ଜିକାଲ ଓ ଏନ୍-୯୫) ପିନ୍ଧିବା ପୂର୍ବରୁ ସତର୍କ ରହିବାର ଅଛି। ମାସ୍କ ନାକ ଓ ପାଟିକୁ ଘୋଡାଇ ରଖିବା ଦରକାର। ମାସ୍କ ପିନ୍ଧିବା ପୂର୍ବରୁ ଭଲଭାବରେ ହାତ ଧୁଆଯିବା ଦରକାର। କଟନ ମାସ୍କକୁ ସାବୁନାରେ ସଫା କରି ପୁଣି ବ୍ୟବହାର କରିପାରିବେ। ସର୍ଜିକାଲ ମାସ୍କକୁ ଧୋଇକି ପୁଣି ଥରେ ବ୍ୟବହାର କରାଯାଇପାରିବ ନାହିଁ। ମାସ୍କକୁ ପିନ୍ଧିବା ପୂର୍ବରୁ ସତର୍କ ରୁହନ୍ତୁ ବୋଲି ବିଶେଷଜ୍ଞ ଡାକ୍ତର ଶ୍ରୀମତୀ ପାଣି ପରାମର୍ଶ ଦେଇଛନ୍ତି। ତେଣୁ ମାସ୍କର ସମ୍ମୁଖ ଭାଗକୁ ଧରି କାଢ଼ନ୍ତୁ ନାହିଁ। ଏନ୍-୯୫ ମାସ୍କ ୯୫ ପ୍ରତିଶତ ସଂକ୍ରମଣକୁ ରୋକିପାରେ ବୋଲି ସେ କହିଛନ୍ତି।

ରାଜଧାନୀରେ ୨୪ ଘଂଟାରେ ୯୮୮ ପଜିଟିଭ୍

ଭୁବନେଶ୍ୱର:କିଛି ଦିନ ବ୍ୟବଧାନ ପରେ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ତଳକୁ ଖସିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶୁକ୍ରବାର ଆଉ ୯୮୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୯୧୬୩ କୁ ବୃଦ୍ଧି ପାଇଛି। ସେଥିରୁ ୧୬୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୮୨୨ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୭୭୭ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି।

କୋଭିଡ଼ ପରିଚାଳନା ଅବ୍ୟବସ୍ଥାକୁ ନେଇ ବିଜେପିର ଅଭିଯୋଗ

ବାଲେଶ୍ୱର: ବାଲେଶ୍ୱରରେ କୋଭିଡ଼ ପରିଚାଳନା ଠିକ୍ ଭାବରେ ହେଉ ନାହିଁ ବୋଲି ପ୍ରଶ୍ନ ଉଠାଇଛି ବିଜେପି । କୋଭିଡ଼ ପରିଚାଳନା ଉପର ଠାଉରି ଭାବେ ହେଉଥିବାରୁ ବାଲେଶ୍ୱରରେ ସଂକ୍ରମଣ କ୍ଷିପ୍ର ଗତିରେ ବଢି ଚାଲିଥିବା

ଦଳ ପକ୍ଷରୁ କୁହାଯାଇଛି । ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଜାତୀୟ ବିପତି ସମୟରେ ବିରୋଧି ଦଳ ଅଯଥାରେ କେନ୍ଦ୍ରର ମୋଦି ସରକାରଙ୍କୁ ବଦନାମ ପାଇଁ ଉଦ୍ୟମ କରୁଛି ବୋଲି ପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଦେଇଥିବା ଚିଠି ସମ୍ପର୍କରେ ବିଜେପି କର୍ମକତାମାନେ ସୁଚନା ଦେଇଥିଲେ । ଅନ୍ୟପକ୍ଷରେ କୋଭିଡ଼ ସ୍ଥିତି ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ସାଙ୍ଗକୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସ୍ତରରେ ଉଚିତ ପଦକ୍ଷେପ ନିଆ ଯାଉନଥିବା ସେମାନେ ଅଭିଯୋଗ କରିଛନ୍ତି । ଟିକାକରଣ ସମ୍ପର୍କରେ ଠିକ୍ ସମୟରେ ସୁଚନା ଦିଆଯାଉନଥିବାରୁ ଟିକାକରଣ କେନ୍ଦ୍ରରେ ଅଯଥା ଭିଡ଼ ଜମୁଛି । ଫଳରେ ସଂକ୍ରମଣ ବୃଦ୍ଧି ଆଶଙ୍କା ରହୁଛି । କରୋନାରେ ମୃତ୍ୟୁ ହେଉଥିବା ରୋଗୀଙ୍କ ପରିବାର ଲୋକଙ୍କୁ ବିଳମ୍ବରେ ଖବର ଦିଆଯାଉଛି । କୋଭିଡ଼ ହସ୍ପିଟାଲ ସମ୍ମୁଖରେ ଫଳକ ଲଗାଇ ସଂକ୍ରମିତଙ୍କ ତଥ୍ୟ ବୁଲେଟିନ ମାଧ୍ୟମରେ ପ୍ରକାଶ କରାଯାଉ ବୋଲି ଦଳ ଦାବି କରିଛି । ଜିଲ୍ଲାରେ ଏ ପର୍ଯ୍ୟନ୍ତ ୧୮ ରୁ ୪୪ ବର୍ଷର ଲୋକଙ୍କ ଟିକାକରଣ ହୋଇ ପାରିନାହିଁ । ସେହିପରି ଆରଟିପିସିଆର ପରୀକ୍ଷା ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଆରପ କରାଯାଇଥିଲା । ପ୍ରଥମ ଲହର ସମୟରେ ପ୍ରତି ପ□ାୟତରେ ଖୋଲା ଯାଇଥିବା ସିଏମସି ଗୁଡ଼ିକୁ ପୁନହ୍ କାର୍ଯ୍ୟକ୍ଷମ କରାଯାଉ । କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାଲେଶ୍ୱର ଜିଲ୍ଲାର ୩ ଲକ୍ଷ ୧୩ ହଜାର ୩ ଶହ ୭ ହିତାଧିକାରୀଙ୍କୁ ପିଡ଼ିଏସ ସାମଗ୍ରୀ ଯୋଗାଇ ଦେଇଛନ୍ତି । ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ମାତ୍ର ୫୨ ହଜାର ୪ ଶହ ୮୫ ହିତାଧିକାରୀଙ୍କୁ ପିଡ଼ିଏସ ସାମଗ୍ରୀ ବ□ନ କରି ସମସ୍ତ ଶ୍ରେୟ ନେବାକୁ ଚେଷ୍ଟା କରୁଥିବା ଜିଲ୍ଲା ସଭାପତି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି । କରୋନା ସଂକ୍ରମଣ ବଢି ଚାଲିଥିବା ବେଳେ ତାଲା ବନ୍ଦ ସମସୟରେ ସହରକୁ ବିଶୋଧନ କରିବା ତାଲା ବନ୍ଦ ପ୍ରଭାବିତ ଗରୀବ ଅସହାୟଙ୍କୁ ପ୍ରଶାସନ ପକ୍ଷରୁ ନିୟମିତ ଖାଦ୍ୟ ପେୟର ବ୍ୟବସ୍ଥା କରିବା ପ୍ରଭୃତି ମଧ୍ୟ ଦାବୀ କରିଛନ୍ତି । ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, କମଳ ଲୋଚନ ଦାସ, ଶୁଭଧ ଚନ୍ଦ୍ର ପଣ୍ଡା ପ୍ରମୁଖ ଏହି ସମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

କୋଭିଡ୍ ବଳୟରେ ରାଉରକେଲା ମିଡ଼ିଆ

କ୍ୟାମେରାମ୍ୟାନ ସୁମନ୍ତ ଚାଲିଗଲେ, ୩ ଚିକିତ୍ସାଧିନ

ରାଉରକେଲା: ରାଉରକେଲାରେ କୋଭିଡ କ୍ରମଶଃ ତାର କରାଳ କାୟା ବିସ୍ତାର କରିବାରେ ଲାଗିଥିବା ବେଳେ ଏଠାରେ କାମ କରୁଥିବା ପ୍ରିଂଟ ଓ ଇଲେକଟ୍ରୋନିକ ମିଡିଆ କର୍ମଚାରୀ ମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାଁନ୍ତି । କରୋନାରେ ଆକ୍ରାନ୍ତ ହୋଇ ପ୍ରାୟ ୧୦ ଦିନ ଚିକିତ୍ସା ହେବା ପରେ ଏକ ପ୍ରତିଷ୍ଠିତ ଚାନାଲରେ କାମ କରୁଥିବା କ୍ୟାମେରାମ୍ୟାନ ସୁମନ୍ତ ମହାନ୍ତିଙ୍କର ଆଜି ଦେହାନ୍ତ ହୋଇଛି । ଏହା ଛଡା ସାମ୍ବାଦିକ ମନୋରଂଜନ ଦାଶ ଚିକିତ୍ସାଧିନ ଥିବା ବେଳେ କ୍ୟାମେରାମ୍ୟାନ ଗଣେଷ ସାହୁ ଓ ପାଇଲଟ ମଧ୍ୟ ସଙ୍ଗରୋଧରେ ରହିଛନ୍ତି । ଏଭଳି ଖବର ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଙ୍କୁ ସତର୍କ ରହିବାକୁ ଏକ ପ୍ରକାର ଚେତାବନୀ ସଦୃଶ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ସୁମନ୍ତ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଥମେ ୨ରୁ ତିନିଦିନ ଅଗ୍ରସେନ ଭବନରେ ଏକ ଓପିଡିରେ ରହିବା ପରେ ଘରକୁ ଯାଇଥିଲେ । ସେଠାରେ ୨ରୁ ୩ ଦିନ ଭିତରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ହାଇଟେକରେ ଭର୍ତି ହୋଇଥିଲେ । ସେଠାରେ କିଛି ଦିନ ଚିକିତ୍ସା ହେବା ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇପଡିଥିଲା । ଆଜି ତାଙ୍କ ପରିବାରକୁ ଡାକି ଶେଷଥର ଲାଗି ତାଙ୍କୁ ଦେଖାଇ ଦେବା ପରେ ଅପରାହ୍ନରେ ସେ ଚାଲି ଗଲେ ବୋଲି କୁହାଗଲା । ଏହି ଖବର ପାଇ ତାଙ୍କ ପରିବାରରେ କାନ୍ଦ ବୋବାଳି ଚାଲିଥିବା ବେଳେ ଅନ୍ୟ ମିଡିଆ ଭାଇ ମାନେ ମଧ୍ୟ କୋଭିଡର ଏହି ରୂପକୁ ଦେଖି ଭୟଭିତ ହୋଇ ପଡିଛନ୍ତି । ତେବେ ସୁମନ୍ତଙ୍କର ଜଣେ ବିଧବା ଭାଉଜ, ପତ୍ନୀ, ୨ଟି ପିଲା ରହିଛନ୍ତି । ତାଙ୍କ ବଡ ଭାଇଙ୍କର ଅଳ୍ପ ଦିନ ତଳେ ଦେହାନ୍ତ ହୋଇଥିଲା । ତେବେ ତାଙ୍କୁ ବଂଚାଇବା ଲାଗି ତାଙ୍କର କେହି ସମ୍ପର୍କୀୟ ଏୟାର ଆମ୍ବୁଲାନ୍ସ ଯୋଗାଡ କରି ତାଙ୍କୁ ଅନ୍ୟ ଯାଗାକୁ ନେବାକୁ ଚାହିଁଥିଲେ ମଧ୍ୟ ତାହା ସଫଳ ହୋଇ ନଥିଲା । ରାଉରକେଲାରେ ଏହି ଭଳି ରାଜନେତା ଓ ଗଣମାଧ୍ୟମ ପ୍ରତିନିଧି କରୋନା